୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.106 Bhubaneswar Friday May 31 2024 | ୨୬ତମ ବର୍ଷ ସଂଖ୍ୟା–୧୦୬ ଭୁବନେଶ୍ୱର, ଶୁକ୍ରବାର, ମଇ ୩୧, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS











# ଟି ଟାଇମ୍

## ବୈଜନାଥ ମନ୍ଦିର

ହିମାଚଳ ପ୍ରଦେଶର କାଙ୍ଗଡା ଜିଲ୍ଲାରେ ବୈଜନାଥ ମନ୍ଦିର ଅବସ୍ଥିତ। ଏହି ମନ୍ଦିର ପାଣ୍ଡପଙ୍କ ସମୟରେ ନିର୍ମାଣ କରାଯାଇଥିଲା। ଅଜ୍ଞାତବାସ ସମୟରେ ପାଣ୍ଡବମାନେ ଏହି ମନ୍ଦିରକୁ ନିର୍ମାଣ କରିଥିଲେ ବୋଲି କେହି କେହି ମତ ବ୍ୟକ୍ତ କରିଛନ୍ତି। ମନ୍ଦିର ନିର୍ମାଣ କରିବା ସହ ସ୍ୱର୍ଗକୁ ଯିବା ପାଇଁ ନିଶୁଣୀ ତିଆରି କରିବା ପାଇଁ ଚାହିଁଥିଲେ କିନ୍ତୁ ସୁର୍ଯ୍ୟୋଦୟ ହୋଇଯିବାରୁ ଏହି କାମକୁ ଅଧାରୁ ଛାଡି ପାଣ୍ଡବ ଚାଲିଯାଇଥିଲେ। କୁହାଯାଇଛି ଯେ, ଏହି ମନ୍ଦିରରେ ସ୍ଥାପିତ ହୋଇଥିବା ଶିବଲିଙ୍ଗକୁ ରାବଣ ଶ୍ରୀଲଙ୍କା ନେଇଯାଉଥିଲା। ରାବଣ ଏହି ଲିଙ୍ଗକୁ ନେଇଯାଉଥିବା ଖବର ଜାଣି ଭଗବାନ ଗଣେଷ ରାବଣକୁ ଅଟକାଇ ଥିଲେ। ଫଳରେ ରାବଣ ଶିବଲିଙ୍ଗକୁ ସାଥିରେ ନନେଇ ଉକ୍ତ ସ୍ଥାନରେ ରଖିଦେଇଥିଲା। ସେହିପରି ଉତ୍ତରାଖଣ୍ଡରେ ଥିବା ବୈଦ୍ୟନାଥ ୧୨ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ। ଏଠାରେ ରାବଣ ଶିବଲିଙ୍ଗ ତିଆରି କରି ଶିବଙ୍କୁ ଆରଧନା କରିଥିଲେ। ଏଠାରେ ରାମଲୀଳା ଉତ୍ସବ କରାଯାଇନଥାଏ। ଯଦି କୌଣସି ଦଶତ ରାମଲୀଳା ପାଳନ କରିବା ପାଇଁ ଚେଷ୍ଟା କିଏ କଲା ତା ସହ କିଛି ନା କିଛି ସମସ୍ୟା ଦେଖାଦେଇଥାଏ ବୋଲି ଅନେକ ବିଶ୍ୱାସ କରିଥାନ୍ତି। ଏହି ମନ୍ଦିରରେ ମା’ ଦୁର୍ଗାଙ୍କ ବିଭିନ୍ନ ରୂପ ମନ୍ଦିରର ଚାରିପଟେ ରହିଛି।

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ ‘ହରାମ୍‌ଖୋର’

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ



ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା’ ଶିପ୍ରା ନଦୀ ଉକ୍ତ ବିଷକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଳିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

# ୫୦୦ କୋଟି ବନାମ ୫୦୦ଟଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ



୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସି ଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ି ଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ଡରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା



ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଜାପୁରର ବଡଗାଁଓ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୪, ମଇ ୩୧

# ଜଣା ପଡ଼େ ନାହିଁ ଟାଣେ ପଇସା


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି । ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟତମ ଭାବେ ଖାତିର କରିନଥାନ୍ତି । ତମାଖୁ ରାକ୍ଷାସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ । ବିଶ୍ୱ ତମାଖୁ ନିରୋଧ ଦିବସରେ ସମଗ୍ର ବିଶ୍ୱରେ ତମାଖୁ ସେବନର ଅପକାରିତା ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ଅଙ୍କୁଶ ଲଗାଇବା ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା । ୧୯୮୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଧିବଦ୍ଧ ଭାବରେ ପ୍ରସ୍ତାବ ଆଗତ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚାଳିଶତମ ପ୍ରତିଷ୍ଠା ଦିବସ ଅପ୍ରେଲ ୭, ୧୯୮୮ ମସିହା ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରିବାକୁ ସର୍ବସମ୍ମତି ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା । ସେ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିମାନଙ୍କୁ ଅତିକମ୍‌ରେ ଗୋଟିଏ ଦିନ ଏଥିରୁ ବିରତ ରହିବାକୁ ସଚେତନ ମାଧ୍ୟମରେ ସେମାନଙ୍କୁ ଅନୁରୋଧ କରାଯାଉଥିଲା । ୧୯୮୮ରେ ଏହି ସଂଗଠନ ପକ୍ଷରୁ ଆଉ ଏକ ପ୍ରସ୍ତାବ ୱାର୍ଲଡ଼ ହେଲଥ୍ ଆସେମ୍ବ୍ଲି ଅଧିବେଶନରେ ଉପସ୍ଥାପନ କରାଯାଇଥିଲା ଯାହାପାଇଁ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରାଯାଇ ଆସୁଅଛି । ଏହି ନିଶାସେବନର ଅନ୍ୟତମ ବାହାକ ସାଜିଥିବା ତମାଖୁ ବିରୋଧରେ ପ୍ରତିବର୍ଷ ମେ ୩୧ ତାରିଖ ଦିନ ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ ହୋଇଥାଏ । ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି – 'ପିଲାମାନଙ୍କୁ ତମାଖୁ ଶିଳ୍ପ ହସ୍ତକ୍ଷେପରୁ ରକ୍ଷା କରିବା ।' ('ଚକ୍ଷକ୍ଟସ୍ୱରମସ୍ୱସଭଶ ମକ୍ଷସକ୍ଷୟକ୍ଷରଭ ଲକ୍ଷକୃଞ୍ଜ ସ୍ୱକ୍ଟଭବମମକ୍ଟ ସଭୟଙ୍କସ୍ୱସ୍ୱକ୍ଷଚ ସଭସ୍ୱରକ୍ଷଲରକ୍ଷରଭମର') ।

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ସମସ୍ୟା ଭିତରେ ତମାଖୁ ସେବନ ଅନ୍ୟତମ । ପ୍ରତିବର୍ଷ ପୃଥିବୀର ଜନସଂଖ୍ୟାର ହାରାହାରି ୬ ପ୍ରତିଶତ ଲୋକ ତମାଖୁ ସେବନ ଯୋଗୁଁ ଅକାଳ ମୃତ୍ୟୁବରଣ କରିଥାନ୍ତି । ଶରୀରରେ ଏଭଳି କେତେକ ନିର୍ଦ୍ଦିଷ୍ଟ ଜିନ୍ ରହିଥାଏ ଯାହା ତମାଖୁ ସେବନ ପ୍ରତି ଜଣକୁ ପ୍ରୋତ୍ସାହିତ କରିଥାଏ । ସମ୍ପ୍ରତି ଯୁବପିଢ଼ୀମାନେ ତମାଖୁ ସେବନ ପ୍ରତି ଆକର୍ଷିତ ହୋଇ ନିଜ ଜୀବନକୁ ବିପନ୍ନ କରୁଛନ୍ତି । ତମାଖୁରେ ଥିବା ନିକୋଟିନ୍ ନାମକ ବିଷାକ୍ତ ତତ୍ତ୍ୱ ରକ୍ତରେ ପ୍ରବାହିତ ହୋଇ ସାମୂହିକ କ୍ଷଣିକ ପ୍ରଫୁଲ୍ଲତା ଓ ପରବର୍ତ୍ତୀ ସମୟରେ ସୁସ୍ଥସବଳ ଦେହଟିକୁ ନଷ୍ଟ ବିନଷ୍ଟ କରିଥାଏ । ତମାଖୁ ସେବନ ଏକ ଭୟଙ୍କର ମାଦକ ଦ୍ରବ୍ୟ । ଯେଉଁଥିରେ ଏକରୁ ଆଠ ପ୍ରତିଶତ ନିକୋଟିନ୍ ନାମକ କ୍ଷାରୀୟ ପଦାର୍ଥ ରହିଥାଏ । ଏହାକୁ ନିୟମିତ ସେବନ କଲେ ମାନସିକ ଅବସାଦ, ଶ୍ୱାସ, ଶାରୀରିକ ଦୁର୍ବଳତା, ରକ୍ତହୀନତା, ଯକୃତ ବିକାର, ଦୃଷ୍ଟିଶକ୍ତି ନାଶ, ମାନସିକ ଅବସାଦ ତଥା ମୁଖର ବିଭିନ୍ନ ରୋଗ ଉତ୍ପନ୍ନ ହୋଇଥାଏ । ଧୂମପାନ କରୁଥିବା ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର୍ କାରଣ ପାଲଟିଥାଏ । କେତେକ କ୍ଷେତ୍ରରେ ଉଭୟ ଲିଭର ଓ କିଡ଼ନୀ ନଷ୍ଟ ହୋଇଯାଇଥାଏ । ଆଉ କେତେକ ରୋଗୀ ଯୁବାବସ୍ଥାରୁ ଏହାର ଶିକାର ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଏକ ପ୍ରକାରର ବିକଳାଙ୍ଗ ଜୀବନ ନିର୍ବାହ କରିଥାନ୍ତି । ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛଅ ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି । ଆମ ରାଜ୍ୟରେ ବର୍ଷକୁ କର୍କଟ ଆକ୍ରାନ୍ତ ହେଉଥିବା ପ୍ରାୟ ୫୦,୦୦୦ ଲୋକଙ୍କୁ ମଧ୍ୟରୁ ଅର୍ଦ୍ଧେକ ଗୁଟ୍‌ଖା, ତମାଖୁ, ଧୂମପାନଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଥିବା ପ୍ରାୟ ୩୦୦୦ ରୋଗୀଙ୍କ ମଧ୍ୟରୁ ୧୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏହି କାରଣରୁ ଘଟୁଥିବା ସୂଚନା ମିଳିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଯେତେ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ହେଉଛନ୍ତି ଦକ୍ଷିଣ ଏସୀୟ ଦେଶ ସମୂହ ଅଞ୍ଚଳର ।

ସିଗାରେଟ କିମ୍ବା ବିଡ଼ି ଧୂଆଁରେ ଚାରି ହଜାରରୁ ଅଧିକ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଶରୀର ଭିତରେ ଫୁସ୍‌ଫୁସ୍ କ୍ୟାନସର, ବ୍ରୋଙ୍କାଇଟିସ୍, ହୃଦ୍‌ଘାତ ଏବଂ ମସ୍ତିଷ୍କରେ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ । ଏହା ମୂତ୍ରାଶୟ, ଖାଦ୍ୟନଳୀ, ବୃକକ୍, ପାକସ୍ଥଳୀ ଓ ଜରାୟୁ କର୍କଟରୋଗର କାରଣ ସାଜିଥାଏ । ସ୍ତ୍ରୀଲୋକମାନେ ଧୂମପାନ କରୁଥିଲେ ଜନ୍ମିତ ଶିଶୁଟି କମ୍ ଓଜନର ହେବା ସହିତ ଶିଶୁଟି ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଂଶକା ରହିଥାଏ । ବର୍ତ୍ତମାନର ଯୁବପିଢ଼ୀ ଧୂମପାନ ବ୍ୟତୀତ ତମାଖୁ ଓ ଗୁଟକାକୁ ବହୁଳ ବ୍ୟବହାର କରୁଥିବାରୁ ମୁଖ୍ୟ ଗହ୍ୱର ଓ ଦାନ୍ତ ମାଢ଼ିରେ ବହୁଳ ଭାବରେ କ୍ଷତ ଦେଖାଯାଇଥାଏ । ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ (ସେକେଣ୍ଡହ୍ୟାଣ୍ଡ ଧୂମପାନ) । ତମାଖୁ ରାକ୍ଷାସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ । ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ । କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି(୨-୨୦%) । ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳାକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି । ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ । ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଣ୍ଟିଅକ୍ସିଡେଣ୍ଟ ଏବଂ ଅଧିକ ପୃଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ । ଶରୀରରୁ ବିଷାକ୍ତ ଅଂଶ କାଢ଼ିଦେବା ପାଇଁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ ।

ତମାଖୁ ସେବନର ଭୟାବହତା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱର ସହ ବିଚାର କରି ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି । ସେହିପରି ତମାଖୁକୁ ଆକର୍ଷିତ କରିବା ପାଇଁ ବିଜ୍ଞାପନ, ସାମାଜିକ ଓ ଆଇନଗତ କଟକଣା ନଥିବା ଯୋଗୁଁ ଏହାର ବ୍ୟବହାର ବଢ଼ି ବଢ଼ି ଚାଲିଛି । ରାଜ୍ୟରେ ଅସହାୟ, ଗରିବ, ଅପରିଚିତ ଓ ଦାରିଦ୍ର୍ୟ ସୀମାରେଖାତଳେ ଥିବା ରୋଗୀମାନଙ୍କର ସର୍ବବିଧ କଲ୍ୟାଣ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ସଭା, ଆଲୋଚନାଚକ୍ର ଓ ନିର୍ଦ୍ଦିଷ୍ଟ ଭାବରେ କିଛି ବ୍ୟକ୍ତିତ୍ୱଙ୍କର ମାନସିକତା ଓ ଆଧ୍ୟାତ୍ମିକ କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସେବାଭିମୁଖୀ ଯୋଜନା ହାତକୁ ନିଆଯାଇଛି । ଦିବ୍ୟମୟ ସ୍ୱାସ୍ଥ୍ୟପାଇଁ ନିଶା ଦ୍ରବ୍ୟ ସେବନ ଓ ତମାଖୁ ଠାରୁ ଦୂରେଇ ରହିବା ପାଇଁ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜନସଚେତନତା ସୃଷ୍ଟି ହେଉଛି । ତମାଖୁକୁ ପରିତ୍ୟାଗ କରି ମାନସିକସ୍ତରରେ ପ୍ରସ୍ତୁତ ହେଲେ ଜଣେ ଦିବ୍ୟ ଶରୀର ଓ ଦିବ୍ୟ ଚିନ୍ତନର ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ । ତେଣୁ ତମାଖୁ ଓ ତମାଖୁ ସେବନ କରୁଥିବା ଲୋକମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ନକରି ସେମାନଙ୍କୁ ସଚେତନ କରି ସ୍ନେହ ଓ ଭଲପାଇବା ଦ୍ୱାରା ସେମାନଙ୍କ ଜୀବନର ଭୟଙ୍କର କୁ-ଅଭ୍ୟାସକୁ ଦୂରେଇ ପାରିଲେ ଆପଣ ଜଣେ ଯଥାର୍ଥ ସେବକ ଭାବରେ ନିଜ ଦାୟିତ୍ୱ ତୁଲାଇ ପାରିବେ । ଏ କ୍ଷେତ୍ରରେ ସରକାରଙ୍କ ଠାରୁ ବେସରକାରୀ ସ୍ୱଚ୍ଛାସେବୀ ସଂଗଠନ ଓ ସର୍ବୋପରି ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆସନ୍ତୁ ଆଜିର ଦିନରେ ସମାଜରୁ ତମାଖୁ ମୁକ୍ତ ପରିବେଶକୁ ଦୂରେଇ ଏକ ଦିବ୍ୟମୟ ପରିବେଶ ଓ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ଯେପରି ଘରେ ଘରେ ପହଞ୍ଚାଇ ପାରିବା ।

*ପ୍ରଫେସର, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*


# ପରୀକ୍ଷା: ସେବେ ଓ ଏବେ

ଶ୍ରୀବତ୍ସ ନାୟକ

'ଶିକ୍ଷକ' ପାଠ ପଢ଼ାଇ ସାରିଲା ପରେ ପରୀକ୍ଷା କରନ୍ତି କିନ୍ତୁ 'ସମୟ' ପରୀକ୍ଷା କରିବା ପରେ ଶିକ୍ଷା ଦେଇଥାଏ । ସେ ଯାହା ବି ହେଉନା କାହିଁକି ଜୀବନର ଯାତ୍ରା ପଥେ ପରୀକ୍ଷା ହିଁ ସତ୍ୟ । ପ୍ରତି ମୁହୂର୍ତ୍ତରେ ମଣିଷକୁ ପରୀକ୍ଷାର ସାମ୍ନା କରିବାକୁ ପଡ଼ିଥାଏ । ଆଉ ଏହି ପରୀକ୍ଷାର ଫଳ କେବେ ବିଫଳତା ଆଣିଥାଏ ତ କେବେ ସଫଳତାର ସ୍ୱାଦ ଚଖାଇଥାଏ । ବିଫଳତାରୁ ଆମେ ଅନେକ କିଛି ଶିଖିଥାଉ ଓ ସଫଳତା ଆମର ଆତ୍ମବିଶ୍ୱାସକୁ ଦ୍ୱିଗୁଣିତ କରି ସମାଜକୁ ଶୃଙ୍ଖଳାର ବାର୍ତ୍ତା ଯୋଗାଇଥାଏ । ଏହି ପରୀକ୍ଷା ପ୍ରତ୍ୟେକ ମଣିଷ ପାଇଁ ନିତିନିତି କେତେ ନୂଆନୂଆ ରୂପ ନେଇ ଆସିଥାଏ । ହଁ ଆଜ୍ଞା, ଜୀବନରେ ଯଦି ପରୀକ୍ଷା ନଥାନ୍ତା,କୌଣସି ଚ୍ୟାଲେଞ୍ଜ ନଥାନ୍ତା,ପ୍ରତିଦ୍ୱନ୍ଦ୍ୱିତା ନଥାନ୍ତା, ତେବେ ଜୀବନ ଅତ୍ୟନ୍ତ ଚେତନାବିହୀନ ହୋଇଥାନ୍ତା । ମଣିଷ ତାର ଜୀବନକାଳ ମଧ୍ୟରେ ଅନେକ ପରୀକ୍ଷାକୁ ସାମ୍ନା କରିଥିଲେ ମଧ୍ୟ ଜୀବନର ଆଦ୍ୟାବସ୍ଥାରେ ଅର୍ଥାତ୍ ଛାତ୍ର ଜୀବନରେ ପରୀକ୍ଷାର ଅନୁଭୂତି ନିଶ୍ଚିତ ଭାବେ ନିଆରା । ଛାତ୍ର ଜୀବନରେ ପରୀକ୍ଷା ଯେତିକି କଷ୍ଟଦାୟକ ଅନୁରୂପ ଭାବେ ପରୀକ୍ଷା ଫଳ ପ୍ରକାଶ ସମୟର ଟେନସନ୍ ମଧ୍ୟ ସେତିକି ଯନ୍ତ୍ରଣାଦାୟକ । ନିର୍ଦ୍ଧାରିତ ସମୟରେ ପାଠ୍ୟ ଖସଡ଼ାର ଅନ୍ତର୍ଭୁକ୍ତ ବିଷୟଗୁଡ଼ିକ ପଢ଼ି ୩ ଘଣ୍ଟାର ନିର୍ଦ୍ଧାରିତ ସମୟ ମଧ୍ୟରେ ପରୀକ୍ଷାରେ ଉତ୍ତର ଲେଖିବା ମଧ୍ୟ ଅନୁରୂପ ଭାବେ ବହୁତ କଷ୍ଟ । ପରୀକ୍ଷାର ଚାପରୁ କଳବଳ କୌଶଳେ ମୁକୁଳିଲେ ମଧ୍ୟ ପରୀକ୍ଷା ଫଳ ପ୍ରକାଶର ମାନସିକ ଯନ୍ତ୍ରଣା ଏତେ ଦୁଃଖଦାୟକ ଯେ ଏହାକୁ କେହିକେହି ମଧ୍ୟ ସହ୍ୟ ନକରିପାରି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଘୃଣ୍ୟ ଅପରାଧର ପନ୍ଥା ଅବଲମ୍ବନ କରିଥାଆନ୍ତି । ପରୀକ୍ଷା ଅତୀତରେ ଥିଲା,ଏବେ ଅଛି ଏବଂ ଭବିଷ୍ୟତରେ ମଧ୍ୟ ରହିବ । କିନ୍ତୁ ସମୟ ବଦଳିବା ସହ ବଦଳିଯାଇଛି ପରୀକ୍ଷାର ସଂଜ୍ଞା ଓ ସ୍ୱରୂପ । ଆମ ସମୟର ପରୀକ୍ଷା ବ୍ୟବସ୍ଥା ଏବଂ ଏ ସମୟର ପରୀକ୍ଷା ବ୍ୟବସ୍ଥା ମଧ୍ୟରେ ଆକାଶ ପାତାଳ ପ୍ରଭେଦ ଦେଖିବାକୁ ମିଳୁଛି । ଗତ କିଛି ଦିନ ତଳେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ଦ୍ୱାରା ପରିଚାଳିତ ୨୦୨୪ ହାଇସ୍କୁଲ୍ ସାର୍ଟିଫିକେଟ(ମାଟ୍ରିକ୍)ର ରେଗୁଲାର୍,ଏକ୍ସ-ରେଗୁଲାର୍ ଓ ପତ୍ରବିନିମୟ ଛାତ୍ରଛାତ୍ରୀଙ୍କର ପରୀକ୍ଷା ଫଳ ପ୍ରକାଶ ପାଇଥିବା ଖବର ଜାଣି ହଠାତ୍ ମୋର ମନେ ପଡିଗଲା ଆମ ସମୟର ମାଟ୍ରିକ୍ ପରୀକ୍ଷା ଦେଉଥିବାର କଥା । କିଛି ସମୟର ନିରବତା ମଧ୍ୟରେ ଅଜାଣତରେ ଚକ୍ଷୁଦ୍ୱୟ ମୋର ଲୋତକପୂର୍ଣ୍ଣ ହୋଇ ଉଠିଲା । ପରୀକ୍ଷା ! ପୁଣି ମାଟ୍ରିକ୍ ପରୀକ୍ଷା ! କାହିଁକି କେଜାଣି ସତେ ଯେମିତି ଦୀର୍ଘ ଦିନର ସେ ସ୍ମୃତି ମୋର ସତେଜ ହୋଇ ଉଠିଲା । ଅନୁଭବ କଲି ଆମ ସମୟର ମାଟ୍ରିକ୍ ପରୀକ୍ଷା ଏବଂ ଫଳ ପ୍ରକାଶ ସମୟର ଦୃଶ୍ୟକୁ । ସବୁ କିଛି ସେମିତି ସତେଜ ଥିଲା । ଆମ ସମୟର ସବୁଠାରୁ ବଡ଼ ଆଉ କଷ୍ଟ ପରୀକ୍ଷା କହିଲେ ମାଟ୍ରିକ ପରୀକ୍ଷାକୁ ବୁଝାଯାଏ । ନବମ ଶ୍ରେଣୀର ପରୀକ୍ଷା ସରିଲା ପରେ ଆମ୍ଭ ପୂର୍ବ ବର୍ଷର ପିଲାଙ୍କଠାରୁ ଦଶମ ଶ୍ରେଣୀ ବହି ଆଣି ତନ୍ମଧ୍ୟରୁ ପୁରୁଣା ମଲାଟକୁ ହଟେଇଦେଇ ନୂତନ ଭାବେ ମଲାଟ ମଡେଇଦେଲେ ଅନୁଭବ ହେଉଥିଲା ଯେ ବର୍ଷକଯାକର ଏକ ବଡ଼ କାମ ସମ୍ପାପ୍ତ ହେଲା । ନବମ ଶ୍ରେଣୀ ପର୍ଯ୍ୟନ୍ତ କ୍ଲାସ୍ ପ୍ରମୋସନ୍ ହେଇ ଆମେ ଦଶମ ଶ୍ରେଣୀରେ ପାଦ ଥାପିଲା ବେଳକୁ ଆରମ୍ଭ ହୋଇଯାଇଥାଏ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ଟେନସନ୍ । ବର୍ଷ ଆରମ୍ଭରୁ ବର୍ଷକଯାକର ଯୋଜନା । ଶିକ୍ଷକମାନଙ୍କର କଡା ତାଗିଦ୍: 'ଏ ବର୍ଷ ବୋର୍ଡ ପରୀକ୍ଷା' ତେଣୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ ରଖ । ସଠିକ୍ ସମୟରେ ପାଠ୍ୟ ଖସଡ଼ା ଅନ୍ତର୍ଗତ ସମସ୍ତ ବିଷୟ ସମାପ୍ତ କରି ରିଭିଜନ କରିବା ପାଇଁ ଶିକ୍ଷକମାନେ ନିଜ ନିଜର ବିଷୟ ପାଇଁ ସମ୍ପୂର୍ଣ୍ଣ ଯୋଜନା କରି ବର୍ଷ ଆରମ୍ଭରୁ ବେଶ୍ ତତ୍ପର ଥାଆନ୍ତି । ଚଳଚଞ୍ଚଳ ଲାଗେ ଶ୍ରେଣୀ ଗୃହ । ନିଜ ନିଜର କାର୍ଯ୍ୟରେ ଲାଗି ପଡନ୍ତି ଶିକ୍ଷକମାନେ । ପ୍ରତିଦିନ ପ୍ରଧାନ ଶିକ୍ଷକ ଆମର ଭଲ ମନ୍ଦ ବୁଝିଥାନ୍ତି । କ୍ଲାସ୍ କେବେ ଆମ୍ଭର ଫାଙ୍କା ପଡେନି । ଛାତ୍ରଛାତ୍ରୀମାନଙ୍କର ଉପସ୍ଥାନକୁ କଡାକଡି ଭାବେ ଯାଞ୍ଚ କରନ୍ତି ପ୍ରଧାନ ଶିକ୍ଷକ । କୌଣସି ପିଲା ଅନୁପସ୍ଥିତ ରହିଲେ ତାଙ୍କର ଘରେ ଯାଇ ଅଭିଭାବକମାନଙ୍କ ସହ ଯୋଗାଯୋଗ କରିଥାନ୍ତି । ମୋଟାମୋଟି ଭାବେ କହିଲେ ବିଦ୍ୟାଳୟର ଭାର ଅପେକ୍ଷା ଆମ ଦଶମ ଶ୍ରେଣୀ ପିଲାମାନଙ୍କର ସମ୍ପୂର୍ଣ୍ଣ ଭାର ସେ ବହନ କରିଥାନ୍ତି ।ପ୍ରତିଯୋଗିତାମୂଳକ ମନୋଭାବ ରଖି ବିଦ୍ୟାଳୟର ଶିକ୍ଷକମାନେ ଲାଗି ପଡିଥାନ୍ତି ଆମକୁ ପାଠ ପଢ଼ାଇବା ଲାଗି । କେମିତି ଆମ୍ଭ ?ମାନେ ପାଠ ପଢ଼ି ଭଲ ମାର୍କ ରଖିଲେ ଆମ୍ଭ ଅନୁଷ୍ଠାନର ନାଁ ରହିବ । ଦଣ୍ଡେ ହେଲେ ନିଃଶ୍ୱାସ ମାରିବାକୁ ବେଳ ନଥାଏ । ରବିବାର ମଧ୍ୟ ପାଠପଢା ଚାଲିଥାଏ । ପାଠପଢା ଏବଂ ପରୀକ୍ଷା ବ୍ୟତୀତ ଦଶମ ଶ୍ରେଣୀ ପିଲାଙ୍କର ବିଜ୍ଞାନ ମେଳା,ବାର୍ଷିକ ଉତ୍ସବ,ବଣଭୋଜି,ଷଡିଟୁର୍ କେଉଁଥିରେ ଏକ ପ୍ରକାର ଭାଗ ନଥାଏ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭୋରୁ ଉଠି ପାଠ ପଢ଼ିବା,ପୂର୍ବ ବର୍ଷର ପ୍ରଶ୍ନପତ୍ରକୁ ବାରମ୍ବାର ଅଭ୍ୟାସ କରିବା,ଟେଷ୍ଟ ପେପରରୁ ସମ୍ଭାବ୍ୟ ପ୍ରଶ୍ନଗୁଡ଼ିକର ଉତ୍ତର ଅଭ୍ୟାସ କରିବା ଆମର ନିତିଦିନିଆ କାର୍ଯ୍ୟ ଥିଲା । ଶିକ୍ଷକମାନେ ଉତ୍ସାହର ସହ ଆମ୍ଭମାନଙ୍କୁ ପାଠ ପଢ଼ାଉଥିଲେ । ଆମ୍ଭ ?ମାନେ ମନଦେଇ ପାଠ ପଢୁଥିଲୁ । ପଢ଼ିବା ଏବଂ ପଢେଇବାକୁ ବାଦ୍ ଦେଇ ଆଉ କୌଣସି କାର୍ଯ୍ୟ ଆମ୍ଭ ସ୍କୁଲରେ ହେଉଥିଲା କାହିଁ ତାହା ମନେ ପଡୁନାହିଁ । ବୋର୍ଡ ପରୀକ୍ଷା ପୂର୍ବରୁ ମାସିକ,ତ୍ରୟମାସିକ, ଷଡବାର୍ଷିକ,ପ୍ରି-ଟେଷ୍ଟ ଓ ଟେଷ୍ଟ ପରୀକ୍ଷାର ଚାପରେ ମଣିଷ ପୁରା ଚାପା ହେଇଯାଉଥିଲା । ଇଏତ ଗଲା ବିଦ୍ୟାଳୟର କଥା । ବିଦ୍ୟାଳୟର ବାହାର ଦୁନିଆରେ ବାପା,ମାଆ ଅଭିଭାବକ,ସମ୍ପର୍କୀୟ, ସାଙ୍ଗସାଥି ସମସ୍ତଙ୍କର ନଜର ଥାଏ ମାଟ୍ରିକ ପରୀକ୍ଷା ଉପରେ । ବାହାରେ ବୁଲିଲେ ସେମାନେ ଆମକୁ ତାଗିଦ୍ କରନ୍ତି । ଛକ, ବଜାର,ପୋଖରୀ ତୁଠ,ଗାଁ ଦାଣ୍ଡରେ ସବୁଠି ଆମ ପରୀକ୍ଷାକୁ ନେଇ ସେମାନେ ଅନେକ ଚର୍ଚ୍ଚା ଆଲୋଚନା କରନ୍ତି । ମଝିରେ ମଝିରେ ମାମୁଁ,ଅଜା,ପିଉସା,କିମ୍ବା ଅନ୍ୟ କୌଣସି ସମ୍ପର୍କୀୟମାନେ ଆସି ପରୀକ୍ଷା ନିମନ୍ତେ ଅନେକ ହିତୋପଦେଶ ଦେଇଥାନ୍ତି । ଭଲ ମାର୍କ ରଖିବା ପାଇଁ ଆମ୍ଭକୁ ଅନେକ ଉପହାରର ପ୍ରଲୋଭନ ଦେଖେଇଥାନ୍ତି । କିଏ କୁହେ ତୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ତତେ ମୁଁ ସାଇକେଲ ଟିଏ ଦେବି ତ କିଏ କୁହେ ତୁ ଭଲ ମାର୍କ ରଖିଲେ ତତେ ଗୋଟେ ହାତ ଘଡି ଉପହାର ଦେବି ଆଦି ଅନେକ ମନଲୋଭା ଉପହାରରେ ଆମ୍ଭ ? ଛନ୍ଦି ହୋଇଯାଉ । ଉପହାର ପାଇବା ଆଶାରେ ଆମ୍ଭ ? ମଧ୍ୟ ପ୍ରତିଶ୍ରୁତି ଦେଇଥାଉ ଯେ ନିଶ୍ଚିତ ସେମାନଙ୍କର ଆଶା ପୂରଣ କରିବୁ । ମନେ ହୁଏ ଏହା ଯେମିତି ମାଟ୍ରିକ ପରୀକ୍ଷା ନୁହେଁ ତ ଜୀବନର ସବୁଠାରୁ କଠିନତମ କାର୍ଯ୍ୟ । ଆମ୍ଭମାନଙ୍କର ଭବିଷ୍ୟତକୁ ନେଇ ସେମାନଙ୍କର ମନରେ ଅନେକ ସ୍ୱପ୍ନ ଓ ସମ୍ଭାବନା ଜାଗ୍ରତ ହେଉଥାଏ ।ଆମ୍ଭ ?ମାନେ ମଧ୍ୟ ସେମାନଙ୍କର ଲକ୍ଷ୍ୟକୁ ହାସଲ କରିବା ପାଇଁ ଲାଗି ପଡ଼ିଥାଉ । ଦିନରାତି ଏକ କରି ଅକ୍ଳାନ୍ତ ପରିଶ୍ରମ କରିଥାଉ । ମଝିରେ ମଝିରେ ମନରେ ଉତ୍ସାହ ଭରିବା ପାଇଁ ବାପା ମଧ୍ୟ ତାଙ୍କ ସମୟର ମାଟ୍ରିକ ପରୀକ୍ଷା ଦେବା ସମୟର ଅଭିଜ୍ଞତା ବାଣ୍ଟିଥାଆନ୍ତି । ଏ ସବୁ ଭିତରେ ପରୀକ୍ଷାର ଦିନ ନିକଟ ହୋଇଆସୁଥାଏ । ଦିନ ଯେତେ ପାଖେଇ ପାଖେଇ ଆସୁଥାଏ ମନରେ ସେତିକି ଭୟ ସୃଷ୍ଟି ହେଉଥାଏ । ଘରଠାରୁ ୫୦ କିଲୋମିଟର ଦୂରରେ ପରୀକ୍ଷା କେନ୍ଦ୍ର ସ୍ଥିରୀକୃତ ହୋଇଥାଏ । ସ୍କୁଲ ତରଫରୁ ସମସ୍ତଙ୍କ ପାଇଁ ବସ୍ ର ସୁବିଧା କରାଯାଇଥାଏ । ଦୀର୍ଘ ୧୦ ଦିନ ଲାଗି ନିଜର ଜନ୍ମସ୍ଥାନ ଛାଡି ପ୍ରଥମ ଥର ଲାଗି ବାହାରକୁ ଯାଇଥିଲୁ । ମନରେ ଯେତିକି ଉତ୍କଣ୍ଠା ଥିଲା ସେତିକି ଭୟ ମଧ୍ୟ ଲାଗୁଥିଲା । ପରୀକ୍ଷାର ଟେନସନ୍ ସାଙ୍ଗକୁ ନିଜର ଲୋକଙ୍କୁ ଛାଡ଼ିକି ଯିବାର ଯେଉଁ କଷ୍ଟ ତାହା ବାସ୍ତବିକ୍ ଅବର୍ଣ୍ଣନୀୟ । ପରୀକ୍ଷାର ଦୁଇ ଦିନ ପୂର୍ବରୁ ଯେତେବେଳେ ଆମେ ଗାଁ ଛାଡିଲୁ ସେତେବେଳେ ଗାଁର ଅଧିକାଂଶ ଲୋକଙ୍କ ଆଖିରେ ଲୁହ । କେମିତି ଯିବେ? କେମିତି ସେଠି ପରୀକ୍ଷା ଦେବେ ?କେମିତି ପ୍ରଶ୍ନ ଆସିବ? କେବେ ଫେରିବେ ? ଆଦି ଅନେକ ପ୍ରଶ୍ନ ତାଙ୍କମାନଙ୍କ ମାନକୁ ଘାରିଥାଏ । ସେମାନେ ଲୋତକପୂର୍ଣ୍ଣ ଚକ୍ଷୁରେ ଦୁବ, ବରକୋଳି ପତ୍ର,ଅରୁଆ ଚାଉଳ,ଦୀପ ଆଦିରେ ବନ୍ଦାପନା କରି ଦହି ଖୁଆଇ ନିଜ ନିଜ ଦାଣ୍ଡ ଦୁଆରୁ ନିଜ ନିଜର ପିଲାଙ୍କର ଶୁଭମନାସି ବିଦାୟ ଦେଇଥାନ୍ତି । କିଏ ଗ୍ରାମ ଦେବୀଙ୍କ ସିନ୍ଦୂର ଆଣି ଆମ୍ଭ ମୁଣ୍ଡରେ ବୋଳି ଦେଉଥିଲା ତ କିଏ ଅନୁକୂଳ ହୋଇଥିବା ନୂଆ ପେନ୍ କୁ ଆଣି ପକେଟରେ ଖୋସି ଦେଉଥିଲା । କିଏ ହାତରେ ପାଞ୍ଚ ଟଙ୍କା ଗୁଞ୍ଜି ଦେଉଥିଲା ତ କିଏ ଠାକୁରଙ୍କ ଫୁଲ ଆଣି ଆମ କାନରେ ଖୋସି ଦେଉଥିଲା । କିଏ କେତେ କଣ ଠାକୁରଙ୍କୁ ଯାଚ଼ି ଦେଉଥିଲା ଆମର ମଙ୍ଗଳ ଲାଗି । ତା ମଧ୍ୟରେ ବାପାଙ୍କର କଡା ତାଗିଦ୍ 'ପରୀକ୍ଷାକୁ ଦୁଇଟା ପେନ୍ ନେବୁ,ସ୍କ୍ୱାଡ ଆସିବେ କପି ନେବୁନି,କାହାଠାରୁ କିଛି ପଚାରିବୁ ନାହିଁ,ସବୁ ପ୍ରଶ୍ନର ଉତ୍ତର ଦେବୁ,ସ୍ଥିର ମନ ଚିତ୍ତରେ ବସିବୁ,ଅଧୈର୍ଯ୍ୟ ହେବୁନି,ପରୀକ୍ଷାର ଅଧଘଣ୍ଟା ଆଗରୁ ହଲ୍ ମଧ୍ୟରେ ପ୍ରବେଶ କରିବୁ ଇତ୍ୟାଦି,ଇତ୍ୟାଦି .... ।ଗାଁ ଦାଣ୍ଡରେ ଚାଲି ଚାଲି ସେତେବେଳେ ଆମ୍ଭ ? ଗୁରୁଜନମାନଙ୍କୁ ପ୍ରଣାମ କରି ବିଦାୟ ନେଉଥିଲୁ । ସମସ୍ତଙ୍କ କୋହ ଭରା ହୃଦୟ ଦେଖି ମନେ ହେଉଥିଲା ପରୀକ୍ଷା ନ ଦେବା ପାଇଁ । ପରୀକ୍ଷାର ଗୁରୁତ୍ୱ ଅପେକ୍ଷା ଆତ୍ମୀୟ ମାନଙ୍କର ଭଲ ପାଇବା ବେଶୀ ଅନୁଭବ ହେଉଥିଲା । ସତେ ଯେମିତି ମନେ ହେଉଥିଲା ଯେମିତି ଗାଁର କନିଆ ଚିର ଦିନ ପାଇଁ ବାପଘର ଛାଡ଼ି ତାର ଶାଶୁଘର ଅଭିମୁଖେ ଆମ ଗହଣରୁ ବିଦାୟ ନେଇ ଯାଉଛି ! ଗାଁ ସାରା ଶୋକାକୁଳ ପରିବେଶ । ଠିକ୍ ଏହି ସମୟରେ ପ୍ରଧାନଶିକ୍ଷକଙ୍କ ଏକ ରଡିରେ ସାଙ୍ଗମାନେ ଗାଡ଼ିରେ ବସି ପରୀକ୍ଷା କେନ୍ଦ୍ର ନିକଟରେ ଥିବା ଆମର ମେସ୍ ଅଭିମୁଖେ ଯାତ୍ରା ଆରମ୍ଭ କଲୁ । ଯାହା ହେଉ ଭଲରେ ଭଲରେ ଭଗବାନଙ୍କ ଆଶୀର୍ବାଦରୁ ପରୀକ୍ଷା ଦେଇ ଫେରିଲୁ । କିଛି ବୋଝ ହାଲକା ହୋଇଗଲା ଭଳି ମନେ ହେଉଥିବାବେଳେ କେତେବେଳେ ପାଖେଇ ଆସିଲା ପରୀକ୍ଷା ଫଳ ପ୍ରକାଶ ହେବାର ଦିନ ଜଣା ପଡିଲା ନାହିଁ । ସରକାରଙ୍କର ନିର୍ଦ୍ଦେଶ ଅନୁସାରେ ପରୀକ୍ଷା ଫଳ ନିର୍ଦ୍ଧାରିତ ସମୟରେ ପ୍ରକାଶ ପାଇଥିଲା । ସେ ସମୟରେ ନା ଥିଲା ଇଣ୍ଟରନେଟ ନା ଥିଲା ଟେଲିଭିଜନ । ପରୀକ୍ଷାଫଳ ଏକ ପୁସ୍ତକ ମାଧ୍ୟମରେ ପ୍ରକାଶିତ ହେଉଥିଲା । ବିଳମ୍ବରେ ହେଉପଛେ ଆମ୍ଭ ?ମାନେ ନିଜ ନିଜର ପରୀକ୍ଷା ଫଳ ଦେଖିଥିଲୁ । ସେ ସମୟର ପରୀକ୍ଷା ପଦ୍ଧତି ଓ ମୂଲ୍ୟାୟନ ଏତେ ଜଟିଳ ଥିଲା ଯେ ସମଗ୍ର ଓଡ଼ିଶାରେ ପାଖାପାଖି ୫୦ ପ୍ରତିଶତ ପିଲା କୃତକାର୍ଯ୍ୟ ହୋଇଥିଲେ । ଏବେ ଆଉ ସେ ସମୟ ନାହିଁ ।ସମୟ ବଦଳିଯିବା ସହ ବଦଳିଯାଇଛି ଅନେକ କିଛି । ପରୀକ୍ଷା ବ୍ୟବସ୍ଥାରେ ଅନେକ ସଂସ୍କାର ଆସିଛି । ପରୀକ୍ଷା ପଦ୍ଧତି ବଦଳିଯାଇଛି । ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ପାଠ୍ୟ ଖସଡ଼ାକୁ ସରଳୀକରଣ କରାଯାଇଛି । କ୍ଲାସ୍ ସଂଖ୍ୟାରେ ମାତ୍ରାଧିକ ବୃଦ୍ଧି ଘଟିଛି । ଶିକ୍ଷକ ଶିକ୍ଷାର୍ଥୀ ଅନୁପାତ ମଧ୍ୟ ବଦଳିଯାଇଛି । କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ହେଉଛି । ପରୀକ୍ଷାରେ ଖାତା ପୂରଣ କଲେ ପାସ୍ କରିବାରେ କିଛି ଅସୁବିଧା ନାହିଁ । ପାସ୍ ହାର ମଧ୍ୟ ଆଶାତୀତ ବୃଦ୍ଧି ପାଇଛି । ଆଉ ଆଗ ଭଳି ଗାଁ ଛାଡ଼ି ଅନେକ ଦୂରକୁ ପରୀକ୍ଷା ଦେବାକୁ ଯିବାକୁ ପଡୁନି ଛାତ୍ରଛାତ୍ରୀମାନଙ୍କୁ । ନିଜନିଜ ସ୍କୁଲରେ ସେମାନେ ପରୀକ୍ଷା ଦେବାରୁ ପରୀକ୍ଷାର ଯେଉଁ ଭୟ ସେଇଟା ଆଉ ପିଲାମାନଙ୍କ ମନରେ ରହୁନାହିଁ । ଜଣାପଡୁନି କେତେବେଳେ ପରୀକ୍ଷା ହେଉଛି ଆଉ ଫଳ ପ୍ରକାଶ ପାଉଛି । ଆଉ ଆଗଭଳି ମାଟ୍ରିକ ପରୀକ୍ଷାକୁ ନେଇ ଲୋକଙ୍କ ମନରେ ସେତେଟା ଆନ୍ତରିକତା ଆସୁନାହିଁ । ବିଗତ ଦିନର ମାଟ୍ରିକ ପରୀକ୍ଷା ପାସ୍ ହାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଓଡ଼ିଶାରେ ପାସ୍ ହାର ୨୦୦୭ ମସିହାରେ ୫୯.୦୯ ପ୍ରତିଶତ,୨୦୦୮ ମସିହାରେ ୫୩.୧୪ ପ୍ରତିଶତ, ୨୦୦୯ ମସିହାରେ ୬୩.୪୧ ପ୍ରତିଶତ,୨୦୧୦ ମସିହାରେ ୭୧.୭୪ ପ୍ରତିଶତ,୨୦୧୧ ମସିହାରେ ୬୬.୭୫ ପ୍ରତିଶତ, ୨୦୧୨ ମସିହାରେ ୭୦.୮୦ ପ୍ରତିଶତ,୨୦୧୩ ମସିହାରେ ୭୫.୯୯ ପ୍ରତିଶତ ,୨୦୧୪ ମସିହାରେ ୭୮.୯୫ ପ୍ରତିଶତ,୨୦୧୫ ମସିହାରେ ୮୦.୯୩ ପ୍ରତିଶତ,୨୦୧୬ ମସିହାରେ ୮୩.୭୨ ପ୍ରତିଶତ,୨୦୧୭ ମସିହାରେ ୮୫.୨୮ପ୍ରତିଶତ,୨୦୧୮ ମସିହାରେ ୭୬.୨୩ ପ୍ରତିଶତ,୨୦୧୯ ମସିହାରେ ୭୦.୭୮ ପ୍ରତିଶତ,୨୦୨୦ ମସିହାରେ ସାରା ବିଶ୍ୱ ମହାମାରୀ କୋରୋନା କବଳରେ ଜର୍ଜରିତ ହେଉଥିବାବେଳେ ପାସ ହାର ୭୮.୭୬ ପ୍ରତିଶତ ,୨୦୨୧ ମସିହାରେ ୯୬.୯୩ ପ୍ରତିଶତ ,୨୦୨୨ ମସିହାରେ ୯୦.୫୫ ପ୍ରତିଶତ,୨୦୨୩ ମସିହାରେ ୯୬.୧୯ ପ୍ରତିଶତ ଏବଂ ,୨୦୨୪ ମସିହାରେ ୯୬.୦୭ ପ୍ରତିଶତ ହୋଇଛି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ୨୦୩୦ ମସିହା ବେଳକୁ ଏକ ସମୟ ଆସିବ ଯେତେବେଳେ ପିଲା ଆଉ କେହି ଫେଲ୍ ହେଉନଥିବେ । ଏତେ ସଂଖ୍ୟକ ପିଲା ପାସ୍ କରିବାର ରହସ୍ୟ କଣ ବା ହୋଇପାରେ ୩୦ ବର୍ଷ ପୂର୍ବ ପାସହାର ୩୦ ପ୍ରତିଶତ ଥିଲା କିନ୍ତୁ କେହି ବେକାର ନଥିଲେ । ଏବେ ଲକ୍ଷ ଲକ୍ଷ ପିଲା ପାସ୍ କରୁଛନ୍ତି କିନ୍ତୁ ଜ୍ଞାନୀଙ୍କ ସଂଖ୍ୟା ନଗଣ୍ୟ । ଆଇ.ଆଇ.ଟି, ଆଇ.ଆଇ.ଏମ୍ ଭଳି ଭାରତର ପ୍ରମୁଖ ଶିକ୍ଷାନୁଷ୍ଠାନରୁ ଡକ୍ଟରେଟ୍ ଉପାଧି ଲାଭ କରି ମଧ୍ୟ ଅନେକ ମେଧାବୀ ଏବେ ବେକାର ଅଛନ୍ତି । ଏତେ ସଂଖ୍ୟକ ପିଲା ପାସ୍ କରୁଛନ୍ତି ସତ କିନ୍ତୁ ସାଧାରଣ ଦରଖାସ୍ତଟିଏ ଲେଖିବା ପାଇଁ ମଧ୍ୟ ସେମାନେ ସମର୍ଥ ହେଉନାହାନ୍ତି । ଏହା ହିଁ ଏ ସମୟର ବିଚିତ୍ରତା । ସେତେବେଳେ ଦଶମ ପାସ୍ କରୁଥିଲେ ଚାକିରୀ ଖଣ୍ଡେ ମିଳୁଥିଲା କିନ୍ତୁ ଏବେ ଶିକ୍ଷିତ ଥିଲେ ମଧ୍ୟ ଉପଯୁକ୍ତ ଯୋଗ୍ୟତା ଅଭାବରୁ ଅଧିକାଂଶ ବେକାର । ଏହା ଆମ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ନୁହେଁ ତ ସରକାର ବୋଧ୍ ହୁଏ ଗୁଣାତ୍ମକ ପରିବର୍ତ୍ତ ପରିମାଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରୁଛନ୍ତି । ଏତାଦୃଶ ଅବସ୍ଥା ଦେଖି ମୋର ସ୍ୱର୍ଗବାସୀ ବାପାଙ୍କ କଥା ମନେ ପଡେ ଯେବେ ସେ ସମୟରେ ସେ ପରୀକ୍ଷା ଦେଉଥିଲେ ସେତେବେଳେ ହାତ ଗଣତି କେତେଟା ପିଲା ପାସ୍ କରୁଥିଲେ । ଯେଉଁ କେତେଜଣ ପାସ୍ କରୁଥିଲେ ତାଙ୍କୁ କାନ୍ଧରେ କିମ୍ବା ଶଗଡ଼ରେ ବସାଇ ଫୁଲମାଳ ପିନ୍ଧାଇ ଏ ଗାଁରୁ ସେ ଗାଁକୁ ବୁଲାଉଥିଲେ । ଆଖ ପାଖ ପାଞ୍ଚଖଣ୍ଡ ଗାଁରୁ ଲୋକଙ୍କର ସୁଅ ଛୁଟୁଥିଲା ଦେଖିବା ପାଇଁ କିଏ ସେ ମେଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛି । କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଏତେ ସବୁ ସୁବିଧା ତଥା ସରକାରଙ୍କର କୋହଳ ମନୋଭାବ ସତ୍ତ୍ୱେ ମଧ୍ୟ ଅନେକ ପିଲା କୃତକାର୍ଯ୍ୟ ହୋଇପାରୁନାହାନ୍ତି । ପରିସ୍ଥିତିକୁ ଲକ୍ଷ୍ୟକଲେ ଏହା ସ୍ପଷ୍ଟ ଅନୁମେୟ ଯେ ଏକଦା ଏକ ସମୟ ଆସିବ ଯେ କେହି 'ପରୀକ୍ଷା' ନାମକୁ ଶବ୍ଦକୁ ଡରିବେ ନାହିଁ । କାହିଁକି ନା କେହି ଫେଲ୍ ହେବେ ନାହିଁ । ଯଦି କେହି ଫେଲ୍ ହୁଅନ୍ତି ତେବେ ତାଙ୍କୁ ଦେଖିବା ପାଇଁ ମଧ୍ୟ ଲମ୍ବା ଲାଇନ୍ ଲାଗିବ ଯେ ଏତେ ସବୁ ପରେ ମଧ୍ୟ କିଏ ସେ ପିଲା ଯିଏ ଫେଲ୍ ହେଉଛି । ଏହା ହିଁ ଏବେର ଓ ସେବର ପରୀକ୍ଷା ବ୍ୟବସ୍ଥା ।

*ଅଧ୍ୟାପକ,ବାଣିଜ୍ୟ ବିଭାଗ ।*
*ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,କଟକ ।*
*ମୋ: ୯୪୩୮୦୭୦୮୪୯*

# ଆମ ଅସ୍ମିତା -କେତେ ନିକଟ , କେତେ ଦୂର !


ହିମାଂଶୁ ଶେଖର ଆଚାର୍ଯ୍ୟ

୧୯୩୬ ମସିହା ଏପ୍ରିଲ ୧ ତାରିଖ । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅବିସ୍ମରଣୀୟ ଦିବସ । ଏହି ଦିନ ଆମେ ସାରା ଭାରତରେ ଭାଷା ଭି ିରେ ପ୍ରଥମ ରାଜ୍ୟ ଗଠନର ମାନ୍ୟତା ପାଇଲୁ । ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ । ଭାଷା ହେଲା ଓଡିଆ, ଜାଗା ହେଲା ଓଡିଶା । ଭାଷାଭି ିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆମ ଅସ୍ମିତାର ପ୍ରତୀକ । ଭାଷା ଭି ିରେ ରାଜ୍ୟଟିଏ ପାଇବା ପାଇଁ ଆମକୁ ଅନେକ ସଂଘର୍ଷ କରିବାକୁ ପଡିଛି । ସ୍ୱତନ୍ତ୍ର ପ୍ରଦେଶ କଥା ଆଲୋଚନା କଲାବେଳେ ସ୍ୱତଃ ମନେପଡିଯାଆନ୍ତି ଉତ୍କଳଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ,ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, କଥା ସମ୍ରାଟ ଫକୀର ମୋହନ, କର୍ମବୀର ଗୌରୀଶଙ୍କର, ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଣ୍ଡିତ ଗୋଦାବରୀଶ,ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର,ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ,ବିପ୍ଳବୀ ଜନନାୟକ ନବକୃଷ୍ଣ ଚୌଧୁରୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ଆହୁରି ଅନେକ । ଯେଉଁମାନଙ୍କ ଅକ୍ଳାନ୍ତ ପରିଶ୍ରମ, ଚରମ ତ୍ୟାଗ ଓ ନିଷ୍ଠାପର ଉଦ୍ୟମର ଫଳଶ୍ରୁତି ହେଉଛି ଆଜିର ଓଡିଶା । ଭାରତବର୍ଷରେ ଭାଷାଭି ିକ ପ୍ରଦେଶ ଗଠନ କ୍ଷେତ୍ରରେ ଓଡିଶା ହେଉଛି ପ୍ରଥମ ରାଜ୍ୟ । ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ କରାଯାଇ ମଧୁସୂଦନ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଯେଉଁ ଆନ୍ଦୋଳନ ଚାଲିଥିଲା ତାହା ସଫଳ ହୋଇଥିଲା ୧୯୩୬ ମସିହା ଏପ୍ରିଲ ପହିଲାରେ । ପ୍ରାରମ୍ଭିକ ପର୍ଯ୍ୟାୟରେ ତତ୍କାଳୀନ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର,ଗଞ୍ଜାମ ଓ କୋରାପୁଟ – ଏହି ଛଅଟି ଜିଲ୍ଲାକୁ ନେଇ ଗଠିତ ହୋଇଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ । ଛଅଟି ଜିଲ୍ଲାକୁ ନେଇ ଓଡ଼ିଶାର ସୀମା ସଙ୍କୁଚିତ ହୋଇରହିଲା ୧୯୪୭ ମସିହା ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ । ୧୯୪୮ ମସିହାରେ ଗଡଜାତ ଅ ଳ ମିଶ୍ରଣ ସହ ପରେ କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ, ଫୁଲବାଣୀ, ଢେଙ୍କାନାଳ, କେନ୍ଦୁଝର ଓ ୧୯୪୯ ମସିହା ଜାନୁୟାରୀ ପହିଲାରେ ମୟୁରଭଞ୍ଜ ଜିଲ୍ଲା ମିଶିବା ପରେ ମୋଟ ୧୩ଟି ଜିଲ୍ଲାକୁ ନେଇ ଗଢାହେଲା ଆଧୁନିକ ଓଡ଼ିଶା ପ୍ରଦେଶ । ଏହି ଜିଲ୍ଲା ସଂଖ୍ୟା ଏବେ ୩୦ରେ ପହ ିଛି । ଏସବୁ ସ େ ଆଜି ମଧ୍ୟ ବହୁ ଓଡ଼ିଆ ଭାଷାଭାଷୀ ଅ ଳ ଆନ୍ଧ୍ରପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗରେ ରହିଯାଇଛି । ଆମ ଅତୀତ ଇତିହାସ ଗୌରବମୟ । ଦିନ ଥିଲା ଆମ ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଆମ ସାଧବପୁଅ ସାତ ସମୁଦ୍ର ତେର ନଈ ପାରିହୋଇ ସୁଦୂର ଜାଭା, ସୁମାତ୍ରା, ବାଲି ଦୀପପୁଞ୍ଜରେ ବେପାର ବଣିଜ କରି ଏ ରାଜ୍ୟକୁ ସମୃଦ୍ଧ କରିଥିଲେ । ମାଟିର ମହାକବି ସାରଳା ଦାସ, କବିସୂର୍ଯ୍ୟ ବଳଦେବ ରଥ, କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ସୃଷ୍ଟି ସମ୍ଭାର ଅନ୍ୟ ଭାଷା ସାହିତ୍ୟରେ ଦୁର୍ଲଭ । କଟକର ସୁନାରୁପାର ତାରକସି କାମ, ପିପିଲିର ଚାନ୍ଦୁଆ, ସମ୍ବଲପୁରୀ ଶାଢୀର ଦେଶ ବିଦେଶରେ ବହୁତ ଆଦର ଥିଲା । ଓଡ଼ିଆ ଶିଳ୍ପୀର ନିହାଣ ମୁନରୁ ସୃଷ୍ଟି ହୋଇଥିଲା ମହାନ୍ କଳାର ନିଦର୍ଶନ କୋଣାର୍କର ସୂର୍ଯ୍ୟମନ୍ଦିର ଓ ପୁରୀର ଜଗନ୍ନାଥ ମନ୍ଦିର । ଆମ ରାଜ୍ୟରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ । ଆମ ରାଜ୍ୟର ୧୨ ବର୍ଷର ପୁଅ ଧରମା କୋଣାର୍କ ମନ୍ଦିରର ଚୂଳ ବସାଇଥିଲା ।ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାପରେ ରାଜ୍ୟରେ ବହୁତ ଗୁଡିଏ ଉନ୍ନତି ମୂଳକ କାର୍ଯ୍ୟ ଆରମ୍ଭ ହୋଇଛି । ଶିଳ୍ପ,କୃଷି.ପର୍ଯ୍ୟଟନ,ଶିକ୍ଷା ,ସ୍ୱାସ୍ଥ୍ୟ, କଳା ,ସଂସ୍କୃତି ଓ ଅନ୍ୟାନ୍ୟ ଦିଗରେ ଓଡିଶା ଆଜି ଆଗେଇଛି ପୂର୍ବାପେକ୍ଷା । କିନ୍ତୁ ଆମ ପୂର୍ବସୁରୀଙ୍କ ସ୍ୱପ୍ନ ଏବେବି ଅଧୁରା ରହିଛି । ଆମର ସମୃଦ୍ଧ ପରମ୍ପରା, ମହାନ୍ ସଂସ୍କୃତି, ଆମାପ ପ୍ରାକୃତିକ ସମ୍ପଦ ଆମ ବିକାଶରେ ସହାୟକ ହୋଇପାରିନାହିଁ । ସେ ବିଷୟରେ ଚିନ୍ତା କରିବାକୁ ଆମ ପାଖରେ ବେଳ ନାହି । ଏବେ ନିର୍ବାଚନର ଏକ ମୁଖ୍ୟ ପ୍ରସଙ୍ଗ ରହିଛି ଆମ ଅସ୍ମିତା ଓ ସ୍ୱାଭିମାନ । ଅସ୍ମିତା ହେଉଛି ଗୋଟିଏ ଜାତିର ପରିଚୟ । କାରଣ ଗୋଟିଏ ଜାତି ଥିଲେ ତାର ଭାଷାଟିଏ ଥାଏ । ଭାଷା ଥିଲେ ତାର ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଥାଏ । ଏହାକୁ ଅକ୍ଷୁର୍ଣ୍ଣ ରଖିବା ସହ ସ୍ୱାଭିମାନର ସହ ବ ୍ବା ହେଉଛି ଆମ ଅସ୍ମିତା । ବହୁ ପ୍ରତୀକ୍ଷାର ଅନ୍ତପରେ ଓଡ଼ିଆ ଭାଷାକୁ ୨୦୧୪ମସିହାରେ ଶାସ୍ତ୍ରୀୟ ମାନ୍ୟତା ମିଳିଛି । ଷଷ୍ଠ ଭାରତୀୟ ଭାଷା ଭାବେ ଓଡ଼ିଆ ଏହି ଗୌରବର ଅଧିକାରୀ ହୋଇପାରିଛି । ଓଡ଼ିଶାର ଏହି ଐତିହାସିକ ସଫଳତା ଓଡ଼ିଆଙ୍କୁ ଗୌରବାନ୍ୱିତ ଓ ଉତ୍ସାହିତ କରିଛି । ଏହି ଖୁସିକୁ ଦ୍ୱିଗୁଣିତ କରିବା ପାଇଁ ୨୦୧୪ମସିହା ମାର୍ଚ୍ଚ ୧୧ ତାରିଖକୁ ଶାସ୍ତ୍ରୀୟ ଭାଷା ଦିବସ ପାଳନ କରାଯାଉଅଛି । ସେହିପରି ନବୀନ ପଟ୍ଟନାୟକଙ୍କ ସମୟରେ ସଂସ୍କୃତି ବିଭାଗ ଅଲଗା କରାଯାଇଛି ଓ ପୁରୀ ଐତିହ୍ୟ କ୍ୟାବିନେଟ ବୈଠକରେ ଓଡିଆ ଭାଷାରେ ଶିକ୍ଷାନୁଷ୍ଠାନ , ବ୍ୟବସାୟ ପ୍ରତିଷ୍ଠାନ, ଗୁଡିକରେ ଓଡିଆରେ ନାମ ଫଳକ ଲେଖିବା ପାଇଁ ପଦକ୍ଷେପ ନିଆଯାଇଥିଲା । ଏହାର ଉଲଂଘନ କଲେ ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି । ଖାଲି ସରକାର ପଦକ୍ଷେପ ନେଲେ ଚଳିବ ନାହିଁ ଆମ ମାତୃଭାଷା ପ୍ରତି ଆମର ଅନୁରାଗ ରହିବା ଦରକାର । ଏଥିପାଇଁ ଆମ ମାନସିକତାରେ ପରିବ ିନ ଆଣିବା ଦରକାର । କ୍ଷୋଭର ବିଷୟ ହେଉଛି ଓଡ଼ିଶାରେ ଆମ ଭାଷା ପ୍ରତି ଆମର ଅନାଦର ଭାବ । ଆମ ମୁଖ୍ୟମନ୍ତ୍ରୀ ଓଡିଆ କହିପାରନ୍ତିନି , ଲେଖି ପାରନ୍ତିନି ବୋଲି ଅଭିଯୋଗ ହୁଏ । କିନ୍ତୁ ତାଙ୍କରି ସମୟରେ ହିଁ ଦୀର୍ଘ ୫୪ ବର୍ଷ ପରେ ୧୯୫୪ ମସିହା ଭାଷା ଅଧିନିୟମକୁ ସଂଶୋଧନ କରାଯାଇଛି । ଓଡିଆ ଭାଷା ପ୍ରତିଷ୍ଠାନ ମଧ୍ୟ ଗଠନ କରାଯାଇଛି । ତାଙ୍କରି ସମୟରେ ହିଁ ଓଡିଆ ଭାଷାକୁ ଶାସ୍ତ୍ରୀୟମାନ୍ୟତା ମିଳିଛି । ସେହିପରି ଗତ ଫେବୃୟାରୀ ମାସରେ ରାଜଧାନୀ ଭୁବନେଶ୍ୱରରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କରାଯାଇଥିଲା । ଏହାକୁ ଆମକୁ ମାନିବାକୁ ପଡିବ । ଭାଷା କେବଳ ସରକାରୀ ହୋଇଗଲେ କାମ ଚଳିବ ନାହିଁ । ଏଥରପାଇଁ ମିଳିତ ପ୍ରୟାସ ଲୋଡା । କ୍ଷୋଭର କଥା ଆମ ମାତୃଭାଷା ପ୍ରତି ଆମର ଅନାଦର ଭାବ ବଢିବାରେ ଲାଗିଛି । ଫଳରେ ଆମ ମାତୃଭାଷାର ପ୍ରସାର ପ୍ରଚାର ଠିକ୍ ଭାବରେ ହୋଇପାରୁନାହିଁ । ଏଭଳି ଦୁଃଖଦ ପରିସ୍ଥିତି ଭାରତରେ ଅନ୍ୟ କୌଣସି ଭାଷାଭାଷୀ ଅ ଳରେ ଦେଖିବାକୁ ମିଳେନାହିଁ । ସେଥିପାଇଁ ତ ବାଲେଶ୍ୱରରେ ବଙ୍ଗଳା ଭାଷା ଯେତିକି ପ୍ରିୟ, ମୟୁରଭଞ୍ଜ, ସୁନ୍ଦରଗଡ, ବରଗଡ, କଳାହାଣ୍ଡି ଇତ୍ୟାଦିରେ ହିନ୍ଦୀ ଭାଷା ମଧ୍ୟ ସେଭଳି ଲୋକପ୍ରିୟ । ଗଜପତି, ଗଞ୍ଜାମ ଓ କୋରାପୁଟରେ ତେଲଗୁ ଭାଷାର ପ୍ରାଧାନ୍ୟ କମ୍ ନୁହେଁ । ଆମକୁ ମନେ ରଖିବାକୁ ହେବ ମାତୃଭାଷା – ମାଅର ଭାଷା ଆମ ଅସ୍ମିତାର ପ୍ରତୀକ । ସେ ଅସ୍ମିତାକୁ ବଜାୟ ରଖିବା ପାଇଁ ଆନ୍ତରିକତା ଲୋଡା । ଏସବୁ କଥାକୁ ଆମକୁ ବୁଝିବାକୁ ହେବ । ଫକୀର ମୋହନଙ୍କ ଭାଷାରେ – ଭାଷା ଯେ ଜୀବନୀ ଶକ୍ତି ଜାତିମାନଙ୍କର ଯେଉଁ ଜାତି ଭାଷାହୀନ ସେ ଜାତି ବର୍ବର । ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ ।

ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ – ୯୯୩୭୧୫୧୦୫୨




# ଜଗଦଳପୁର ଗ୍ରାମରେ ମା' ବୁଢୀ ସାଆନ୍ତାଣୀଙ୍କ ଠାକୁରାଣୀ ଯାତ୍ରା ଆରମ୍ଭ



କୁକୁଡ଼ାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ): ବ୍ରହ୍ମପୁର ଉପକଣ୍ଠ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ଗ୍ରାମରେ ଆଦିଶକ୍ତି ମା' ବୁଢୀ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ଦିନ ଏହି ଯାତ୍ରା ଆୟୋଜିତ ବେଳେ ମା' ବୁଢ଼ା ସାଆନ୍ତାଣି ଗ୍ରାମର ଶୁଣ୍ଡିସାହି ବାପଘରକୁ ଆଗମନ ହୋଇ ଜୁନ ୭ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୦ ଦିନ ଧରି ଅସ୍ଥାୟୀ ମଣ୍ଡପରେ ପୂଜା ପାଇବେ।ଏହି ଠାକୁରାଣୀ ଯାତ୍ରା ବୁଧବାର ଅପରାହ୍ଣ ସମୟରେ ଆରମ୍ଭ ହୋଇଥିବା ବେଳେ ମା' ଠାକୁରାଣୀଙ୍କ ବାପଘର ଦେଶୀ ବେହେରା ଓ ତାଙ୍କ ପତ୍ନୀ ସମେତ ଗ୍ରାମବାସୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପ୍ରଥମେ ମା'ଙ୍କ ନିଜସ୍ୱ ମନ୍ଦିରକୁ ଯାଇ ମା'ଙ୍କୁ ଆମନ୍ତ୍ରଣ ପାଇଁ ଦେଶୀ ବେହେରାଙ୍କ ଘରରୁ ଚାଙ୍ଗୁଡ଼ିରେ ଫୁଲ ଓ ଦୀପ ନେଇ ବିରାଟ ପଟୁଆରରେ ମାଁ ଠାକୁରାଣୀଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରାଥିଲେ ।ପୂଜାର୍ଚ୍ଚନାର ଦୀର୍ଘ ୪୫ ମିନଟ୍ ପରେ ମା'ଙ୍କ ମସ୍ତକରୁ ଫୁଲ ଖସିବା ପରେ ସେହି ଆଜ୍ଞାମାଳକୁ ଏକ ବିରାଟ ଶୋଭାଯାତ୍ରାରେ ସୁଣ୍ଡି ସାହି ନିକଟସ୍ଥ ଅସ୍ଥାୟୀ ମଣ୍ଡପକୁ ବିଜେ କରିଥିଲେ। ମା' ସାଆନ୍ତାଣୀଙ୍କ ବ୍ରହ୍ମପୁର ବୁଢ଼ି ଠାକୁରାଣୀ ମୁଖ୍ୟ ପୂଜକ ଭାଗିରଥ ଗନ୍ତାୟତ ଆମନ୍ତ୍ରଣ କରିଥିଲେ। ଏଥିରେ ଜଗଦଳପୁର ଗ୍ରାମରେ ଠାକୁରାଣୀ ଯାତ୍ରା ପରିଚାଳନା କମିଟିର ସଦସ୍ୟ ତଥା ସମାଜସେବୀ ପଞ୍ଚାନନ ସାହୁ,କମିଟି ସଭାପତି ତଥା ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା ଭାରତୀ ନାୟକ,ବରିଷ୍ଠ କମିଟି ବୃନ୍ଦ ରାଧାମୋହନ ପାତ୍ର,ମନ୍ଦିର ପୂଜକ ସୀମାଞ୍ଚଳ ଡାକୁଆ,ବିକାଶ ପାତ୍ର,ବିଶ୍ୱନାଥ ପାତ୍ର,ନୀଳାଞ୍ଚଳ ବେହେରା,ଡାକ୍ତର ଉମାକାନ୍ତ ସାହୁ,ହରିଶ୍ଚନ୍ଦ୍ର ସାହୁ,ବଦ୍ରୀନାଥ ସାହୁ,ଉଦୟ ନାଥ ସାହୁ,ନିରଞ୍ଜନ ସାହୁ,ଶିଶିର କୁମାର ସାହୁ,ସଞ୍ଜୟ ସାହୁ,ଶ୍ରୀକାନ୍ତ ସାହୁ,ଶରତ ଚନ୍ଦ୍ର ପାଢ଼ି,ମହେନ୍ଦ୍ର ସେଠି,ସୁରେଶ ନାୟକ,ପି ଗୋପାଳ ଦାସ,ସୀମା ଡାକୁଆ,ବିଶ୍ୱନାଥ ପାତ୍ର,ନୀଳାଞ୍ଚଳ ବେହେରା,ମୁନା ସେଠୀ,ସିଏଚ୍ କାଶୀନାଥ ପାତ୍ର,କେ ପୋଲି,କେ ଶ୍ରୀନିବାସ ପାତ୍ର,ବି ଦିବାକର ପାତ୍ର, ସୁଦର୍ଶନ,ଏ ବୁଲା ପାତ୍ର,ସତ୍ୟ ପାତ୍ର, ବାବୁଲା ଡାକୁଆ,ରାଜୁ ଦାସଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ସେଠାରେ ପ୍ରତିଦିନ ପୂଜାପାଠ ଓ ନୀତିକାନ୍ତି ସମ୍ପନ୍ନ ହେବା ସହ ଘଟ ପଟୁଆର ନୈତିକ ଗ୍ରାମ ପରିକ୍ରମା କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି। ଏହି ବର୍ଷଠାରୁ ଆରମ୍ଭ ଯାତ୍ରା ପ୍ରତି ଦୁଇ ବର୍ଷକୁ ଥରେ ଅନୁଷ୍ଠିତ ହେବ। ଅସ୍ଥାୟୀ ପୀଠରେ ଭକ୍ତ ମାନେ ମା'ଙ୍କ ଦର୍ଶନ ସହ ସନ୍ଧ୍ୟା ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଠାକୁରାଣୀ ମନ୍ଦିର କମିଟି ସଭାପତି ତଥା ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା ଭାରତୀ ନାୟକଙ୍କ ସମେତ ଗ୍ରାମର ବହୁ ଭକ୍ତବୃନ୍ଦ ସହଯୋଗ କରିଥିଲେ ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି। ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋରଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍‌ସ୍ଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପଂଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅଂର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟାମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଉଠିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ । ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ । ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ । ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

# ରାଉରକେଲା ସରକାରୀ ଡାକ୍ତରଖାନାରେ ୬ ଘଣ୍ଟାରେ ୧୦ ଜଣଙ୍କ ମୃତ୍ୟୁ

ରାଉରକେଲା ସରକାରୀ ଡାକ୍ତରଖାନା (ପି.ଏନ)ରେ ଆଜି ସାଢ଼େ ୬ ଘଣ୍ଟା ଭିତରେ ୧୦ ଜଣଙ୍କୁ ମୃତ ଘୋଷଣା କରାଯାଇଛି। ଡାକ୍ତରଖାନାର ଭାରପ୍ରାପ୍ତ ଅଧୀକ୍ଷକ ଡାକ୍ତର ସୁଧାରାଣୀ ପ୍ରଧାନଙ୍କଠାରୁ ମିଳିଛି ଏହି ସୂଚନା। ସେ କହିଛନ୍ତି, ଦିନ ସାଢ଼େ ଗୋଟାଏରୁ ୮ଟା ମଧ୍ୟରେ ୧୦ ଜଣଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ୮ ଜଣ ମୃତ ଅବସ୍ଥାରେ ହସ୍ପିଟାଲ ପହଞ୍ଚିଥିଲେ। ଆଉ ୨ ଜଣଙ୍କର ହସ୍ପିଟାଲରେ ପହଞ୍ଚିବା ପରେ ମୃତ୍ୟୁ ହୋଇଛି। ସେମାନଙ୍କର ହିଟ୍‌ଷ୍ଟ୍ରୋକ୍ ଜନିତ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ସେମାନଙ୍କ ଶରୀରର ତାପମାତ୍ରା ୧୦୩/୧୦୪ ଡିଗ୍ରୀ ରହିଥିବାରୁ ଏଭଳି ଘଟିଥିବା ଆଶଙ୍କା କରାଯାଉଛି। ଆସନ୍ତାକାଲି ଶବବ୍ୟବଚ୍ଛେଦ ପରେ ସେମାନଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିବ। ମୃତ ଅବସ୍ଥାରେ ଆସିଥିବାରୁ ସେମାନଙ୍କ ହିଷ୍ଟ୍ରି ଷ୍ଟଡି କରାଯାଇନି। ଆଉ କିଛି ଗୁରୁତରଙ୍କର ୱାର୍ଡରେ ଚିକିତ୍ସା ଚାଲିଛି। ମୃତକଙ୍କ ମଧ୍ୟରୁ କିଛି ଜଣଙ୍କ ପରିଚୟ ମିଳିପାରି ନାହିଁ। ସେମାନଙ୍କୁ ରାଉରକେଲା ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେସନରୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ଅଣାଯାଇଥିଲା। ଅନ୍ୟପକ୍ଷରେ ଯେଉଁମାନଙ୍କ ପରିବାର ଲୋକେ ଡାକ୍ତରଖାନାରେ ଉପସ୍ଥିତ ରହିଥିଲେ, ସେମାନଙ୍କ କହିବା ଅନୁଯାୟୀ ପ୍ରବଳ ଖରା ଯୋଗୁ ଏଭଳି ଘଟଣା ଘଟିଛି। ୨/ ୩ ଜଣ ମୃତକ ରାଉରକେଲାର ବସ୍ତି ଅଞ୍ଚଳର। ସେମାନଙ୍କ ପରିବାର ଲୋକଙ୍କ କହିବା କଥା ହେଲା, ପ୍ରବଳ ଖରା ଓ ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତ୍ କାଟ ଯୋଗୁ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ରାଉରକେଲା ସରକାରୀ ଡାକ୍ତରଖାନାର ଅଂଶୁଘାତ ୱାର୍ଡରେ ଆଜି ସକାଳ ୮ଟାରୁ ୧୨ଟା ଭିତରେ ୯ ଜଣ ରୋଗୀ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଆଜି ସନ୍ଧ୍ୟାରେ ଏହି ୱାର୍ଡରେ ଆଉ ଦୁଇ ଜଣ ରୋଗୀ ଭର୍ତ୍ତି ହୋଇଛନ୍ତି। ସ୍ଥିତିକୁ ଦେଖି ଡାକ୍ତରଖାନା କର୍ତ୍ତୃପକ୍ଷ ଏକ ଡାକ୍ତରୀ ଟିମ୍ ଗଠନ କରିଛନ୍ତି। ସୂଚନାଯୋଗ୍ୟ, ସାରା ରାଜ୍ୟରେ ଏବେ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଆଜି ଝାରସୁଗୁଡାର ଦିନର ସର୍ବୋଚ୍ଚ ତାପମାତ୍ରା ୪୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଧର୍ମଶାଳା,୩୦।୫(ପିଏନ୍): ଧର୍ମଶାଳା ଯୁବ ବିଜେଡି ଓ ଛାତ୍ର ବିଜେଡି ପକ୍ଷରୁ ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଧର୍ମଶାଳା ବ୍ଲକ୍ ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ, ଜିଲ୍ଲା ଛାତ୍ର ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ ଏବଂ ଧର୍ମଶାଳା ବ୍ଲକ୍ ଛାତ୍ର ସଭାପତି ଜଗଦାନନ୍ଦ ରାଉତ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଓଡିଶାବାସୀ ୬ଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ମନବଳାଇ ସାରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କର ନିର୍ଦ୍ଦେଶ ଅନୁଯାୟୀ ଆମ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ୧୦ ବର୍ଷଧରି ଧର୍ମଶାଳାବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି ଏବଂ ସମସ୍ତ ସରକାରୀ ଯୋଜନାକୁ ସାଧାରଣ ଲୋକମାନଙ୍କ ପାଖରେ ପହଚାଂଇଛନ୍ତି । ଦଳର ନେତୃମଣ୍ଡଳୀ, ଯୁବ, ଛାତ୍ର, ମହିଳା, ଗାର୍ଲସ ୱିଂ କର୍ମୀମାନେ ପ୍ରତ୍ୟେକ ଘରକୁ ଯାଇ ସମ୍ପର୍କ ଯୋଡିବା ସହିତ ଯୋଡି ଶଙ୍ଖରେ ଗୋଟିଏ ବିଧାୟକ ଏବଂ ଗୋଟିଏ ସାଂସଦ ପ୍ରାର୍ଥୀଙ୍କ ପାଇଁ ଆର୍ଶିବାଦ କରିବାକୁ ଅନୁରୋଧ କରିଛନ୍ତି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସ୍‌ୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟଶ୍ୱ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।




## ଡାକ୍ତର ଗୋବିନ୍ଦ ଦାସଙ୍କ ବିୟୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରା ଳ ଅନ୍ତର୍ଗତ ବଳଗଣ୍ଡି ଗ୍ରାମସ୍ଥିତ ଶତାୟୁ ଡାକ୍ତର ଗୋବିନ୍ଦ ଚନ୍ଦ୍ର ଦାସଙ୍କର ବାର୍ଦ୍ଧକ୍ୟ ଜନିତ କାରଣରୁ ବିୟୋଗ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୪ବର୍ଷ ବୟସ ହୋଇଥିଲା। ସେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କେଶପୁର ପ ାୟତର ଅରୁଆ କଦଳୀବଣ ଗ୍ରାମରେ ୧୯୧୭ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ଡାକ୍ତର ସ୍ୱର୍ଗତ ଦାସ ହେଉଛନ୍ତି ଲୋକସେବକ ମଣ୍ଡଳର ପ୍ରାକ୍ତନ ସଭାପତି ତଥା ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସମୁଦି। ସେ ୧୯୫୨ରୁ ୧୯୫୮ ମସିହା ପର୍ଯ୍ୟନ୍ତ ୬ବର୍ଷ ଧରି ସୈନ୍ୟବାହିନୀରେ ଡାକ୍ତର ଭାବେ କାର୍ଯ୍ୟ କରିଥିଲେ। ଏଥିସହିତ ୧୯୬୪ ମସିହାରେ ଓଡ଼ିଶାର ତତକାଳୀନ ରାଜ୍ୟପାଳ ଅଯୋଧ୍ୟାନାଥ ଖୋସଲାଙ୍କର ମଧ ଡାକ୍ତର ଥିଲେ। ସେହିବର୍ଷ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଅସୁସ୍ଥ ହୋଇପଡିବାରୁ ସ୍ୱର୍ଗତ ଦାସ ତାଙ୍କୁ ଚିକିତ୍ସା କରିଥିଲେ। ୧୯୬୪ ମସିହା ଶେଷ ଭାଗରେ ସ୍ୱର୍ଗତ ଦାସ ସ୍ୱେଚ୍ଛାକୃତ ଅବସର ନେଇ କେନ୍ଦ୍ରାପଡା ସହରର ବଳଗଣ୍ଡି ଠାରେ ନିଜ କ୍ଲିନିକରେ ଚିକିତ୍ସା କରୁଥିଲେ। ତାଙ୍କ ବିୟୋଗରେ ସାରା କେନ୍ଦ୍ରାପଡା ସହରରେ ଶୋକର ଛାୟା ଖେଳିଯାଇଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହ ି ମର ଶରୀର ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ

# —ଯୀଶୁ ଏବଂ କୃଷ୍ଣ—



ଇତିହାସରୁ ଜଣାଯାଏ - ପ୍ରଥମେ ୩୫୪ ଖ୍ରୀଷ୍ଟାବ୍ଦରେ ରୋମ୍‌ର ବିଶପ ଲିବେରିୟୁସ ଖ୍ରୀଷ୍ଟିଆନ୍‌ମାନଙ୍କ ସହ ମିଶି ଡିସେମ୍ବର ୨୫ ତାରିଖକୁ ଖ୍ରୀଷ୍ଟମାସ ବା ବଡ଼ଦିନ ଭାବରେ ପାଳନ କରିଥିଲେ। ଏହାପରେ ୪୩୨ ଖ୍ରୀଷ୍ଟାବ୍ଦରେ ପୁରାତନ ଜୁଲିୟନ୍ କ୍ୟାଲେଣ୍ଡର ଅନୁଯାୟୀ ଜାନୁଆରୀ ୬ ତାରିଖରେ ଖ୍ରୀଷ୍ଟମାସ୍ ପାଳନ କରାଗଲା। ଏହାପରେ ଧୀରେ ଧୀରେ ସାରା ପୃଥିବୀରେ ଖ୍ରୀଷ୍ଟିଆନ୍‌ମାନେ ବଡ଼ଦିନ ପାଳନ କଲେ। ଷଷ୍ଠ ଶତାବ୍ଦୀ ବେଳକୁ ଇଂଲଣ୍ଡରେ ଏହା ଏକ ପରମ୍ପରାର ରୂପ ନେବାକୁ ଆରମ୍ଭ କରିଥିଲା। ଭାରତ ସମେତ ଦୁନିଆର ଅଧିକାଂଶ ଦେଶରେ ଏହି ଉତ୍ସବ ୨୫ ଡିସେମ୍ବରରେ ପାଳନ କରାଯାଏ। ମାତ୍ର ରୁଷ, ଭର୍ଜିଆ, ମିଶର, ଅରମେନିଆ, ୟୁକ୍ରେନ୍ ଓ ସର୍ବିଆ ଆଦି ଦେଶରେ ଜାନୁଆରୀ ୭ ତାରିଖରେ ଏହାର ଆୟୋଜନ କରାଯାଏ। କାରଣ ପାରମ୍ପରିକ ଜୁଲିୟନ୍ କ୍ୟାଲେଣ୍ଡରର ଡିସେମ୍ବର ୨୫ ତାରିଖ ଅର୍ଥାତ୍ ବଡ଼ଦିନ ଗେଗୋରିଆନ୍ ଓ ରୋମାନ କ୍ୟାଲେଣ୍ଡର ଅନୁଯାୟୀ ଜାନୁଆରୀ ୭ ତାରିଖରେ ପଡ଼େ। ଖ୍ରୀଷ୍ଟମାସ୍ ଶବ୍ଦଟି - 'ଖ୍ରୀଇଷ୍ଟସ୍' ଏବଂ 'ମାସ୍' ଦୁଇଟି ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଛି। ଖ୍ରାଇଷ୍ଟସ୍‌ର ଅର୍ଥ ଯୀଶୁଖ୍ରୀଷ୍ଟ ଏବଂ ମାସର ଅର୍ଥ ହେଲା ମିଳିତ ପ୍ରାର୍ଥନା। ଲେଖକ ଲୁଇସ୍ ଜ୍ୟାକୋଲିୟତ୍ ୧୮୬୯ରେ ଦି ବାଇବେଲ ଇନ୍ ଇଣ୍ଡିଆ ନାମକ ଏକ ପୁସ୍ତକ ଲେଖିଥିଲେ। ଏହି ପୁସ୍ତକରେ ଯୀଶୁ ଏବଂ କୃଷ୍ଣ ଜଣେ ବୋଲି ସେ ଉଲ୍ଲେଖ କରିଥିଲେ। ଲୁଇସ୍ ଜ୍ୟାକୋଲିୟତ୍ ଥିଲେ ଫରାସୀ ସାହିତ୍ୟିକ ତଥା ଓକିଲ। ନିଜ ପୁସ୍ତକରେ ସେ କୃଷ୍ଣ ଏବଂ ଖ୍ରୀଷ୍ଟଙ୍କ ମଧ୍ୟରେ ତୁଳନା କରିଥିଲେ। ଲୁଇସ୍ ନିଜ ପୁସ୍ତକରେ ଲେଖିଥିଲେ ଯେ ଖ୍ରୀଷ୍ଟ ବା କ୍ରାଏଷ୍ଟ ଶବ୍ଦର ଅର୍ଥ କୃଷ୍ଣ ଶବ୍ଦର ରୂପାନ୍ତରଣ । ଖ୍ରୀଷ୍ଟଙ୍କ ଅନୁଗାମୀମାନେ ଖ୍ରୀଷ୍ଟିୟାନ ନାମରେ ଜଣାଶୁଣା। ଏହି ଅନୁଗାମୀମାନେ ହିଁ ଖ୍ରୀଷ୍ଟଙ୍କୁ 'ଯାସ୍‌ସ' ନାମ ଦେଇଥିଲେ। ଏହାର ଅର୍ଥ ହେଉଛି ମୂଳ ତତ୍ତ୍ୱ। ଗୀତା ଏବଂ ଅନ୍ୟ ଧର୍ମଗ୍ରନ୍ଥରେ ମଧ ଭଗବାନ ଶ୍ରୀକୃଷ୍ଣଙ୍କୁ ଏହି ରୂପରେ ବ୍ୟକ୍ତ କରାଯାଇଛି। ଯୀଶୁଖ୍ରୀଷ୍ଟଙ୍କ ସମ୍ପର୍କରେ ଏହା ମଧ ଉଲ୍ଲେଖ ରହିଛି ଯେ ସେ ନିଜ ଜୀବନର କିଛି ସମୟ ଭାରତରେ ବିତାଇଥିଲେ। ଯୀଶୁ ପ୍ରାଚୀନ ବ୍ୟବସାୟିକ ମାର୍ଗ ସିଲକ୍ ରୁଟ୍ ଦେଇ ଭାରତ ଆସିଥିଲେ ବୋଲି ଐତିହାସିକ ପ୍ରମାଣ ମିଳେ। ସେ ତିବତ୍ ଏବଂ କାଶ୍ମୀରର ମୋନାଷ୍ଟ୍ରିରେ କିଛି ସମୟ ବିତାଇଥିଲେ। ସେଠାରେ ବୌଦ୍ଧ ଏବଂ ଭାରତୀୟ ଧର୍ମଗ୍ରନ୍ଥର ଅଧ୍ୟୟନ କରିଥିଲେ। ଭାରତ ଭ୍ରମଣ ସମୟରେ ଯୀଶୁ ଓଡ଼ିଶାର ଜଗନ୍ନାଥଧାମକୁ ମଧ ଆସିଥିଲେ। ସେଠାରେ ରହି କିଛି ଦିନ ଅଧ୍ୟୟନ କରିଥିଲେ ବୋଲି ଜଣାଯାଏ।

# ସତ୍‌ସଙ୍ଗର ଆହ୍ୱାନ: ଧର୍ମାନ୍ତରୀକରଣମୁକ୍ତ ଭାରତ



ସତ୍‌ସଙ୍ଗର ପ୍ରାଣପୁରୁଷ ପୁରୁଷୋତ୍ତମ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସର୍ବଧର୍ମ ସମନ୍ୱୟକାରୀ ଆଚରଣ ଓ ଉଚ୍ଚାରଣରେ ବିମୋହିତ ହୋଇ ହିନ୍ଦୁ, ମୁସଲ୍‌ମାନ, ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ ଇତ୍ୟାଦି ଭକ୍ତଗଣ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ଆବାଳବୃଦ୍ଧବନିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ଗୁରୁ ରୂପେ ବରଣ କରିଥିଲେ। ଧର୍ମାନ୍ତରୀକରଣ ସମ୍ବନ୍ଧରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ-ଧର୍ମ ଚିରଦିନ ହିଁ ଏକ ଏବଂ ତାହା ଆଚରଣର ବସ୍ତୁ। ଧର୍ମ କେବେହେଲେ ଭେଦ ହୁଏନାହିଁ। ଧର୍ମ କେବେହେଲେ ପିତୃପୁରୁଷ ବା ମନୁଷ୍ୟର ଅତୀତ ସତ୍ତାସମ୍ବର୍ଦ୍ଧନୀ କୃଷ୍ଟିକୁ ଅସ୍ୱୀକାର କରିବାକୁ ଶିଖାଏ ନାହିଁ। ଏକ କଥାରେ ଧର୍ମାନ୍ତରୀକରଣ ଧର୍ମର କୌଣସି ପରିଭାଷା ନୁହେଁ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନୈକ ଭକ୍ତ ହାର୍ଭାଡ଼୍ ବିଶ୍ୱବିଦ୍ୟାଳୟରପ୍ରଫେସର ଏଡ଼୍‌ମଣ୍ଡ ସ୍ପେନ୍‌ସର ଭାଇ ଏହା ଶୁଣି ଉତ୍‌ଫୁଲ୍ଲିତ ହୋଇଉଠିଲେ, କହିଲେ-ଆପଣ ଠିକ୍ କହିଛନ୍ତି, ବାଇବେଲରେ ମଧ ଏହାର ସମର୍ଥନ ଅଛି। ଶ୍ରୀ ସ୍ପେନ୍‌ସର ଭାଇ ବାଇବେଲ୍‌ରୁ ପଢ଼ିଲେ-ହାୟ ! ଅଧାର୍ମିକ ଇହୁଦୀ ଧର୍ମବ୍ୟାଖ୍ୟାତାଗଣ, ତୁମ୍ଭେମାନେ ଜଣକୁ ସ୍ୱଧର୍ମ ତ୍ୟାଗ କରାଇବା ନିମିତ୍ତ ଜଳ, ସ୍ଥଳ ପରିଭ୍ରମଣ କରୁଛ ଏବଂ ଯେତେବେଳେ ସେଥିରେ କୃତକାର୍ଯ୍ୟ ହୁଅ, ସେତେବେଳେ ତୁମ୍ଭେମାନେ ତାକୁ ଏକ ନରକ ନନ୍ଦନ କରି ଉଠାଓ, ଯିଏକି ତୁମଠାରୁ ଦୁଇଗୁଣ ଖରାପ ହୋଇପାରେ। (ମାଥ୍ୟୁ. ୨୩;୧୫) ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ବୁଝିରଖ ଏହା ବରାବର ଚାଲିଆସିଛି। ଆଉ ଆମ୍ଭେମାନେ ଏହାର ବିରୁଦ୍ଧ ଆଚରଣ କରୁଛୁ। ଧର୍ମାନ୍ତରୀକରଣ ଧର୍ମର ପରିପନ୍ଥୀ। କିନ୍ତୁ ପରିପୂରଣୀ ଦୀକ୍ଷା ଜିନିଷଟା ହେଲା ଅଲଗା, ଏଥିରେ ଗୁରୁତ୍ୟାଗ ହୁଏନାହିଁ, ବଂଶ ତ୍ୟାଗ ହୁଏନାହିଁ, କୃଷ୍ଟି ତ୍ୟାଗ ହୁଏନାହିଁ ବରଂ ପ୍ରତ୍ୟେକଟା ହିଁ ସ୍ଫୂରଣଦୀପନା ଲାଭକରେ। ମୋର ବକ୍ତବ୍ୟ ଏହା ଯେ - ପୂର୍ବତନ କୌଣସି ଏକ ଜଣଙ୍କୁ ନ ମାନିବା ହିଁ ମହାକ୍ଷତି। ବର୍ତ୍ତମାନ ପୂରକ ପୁରୁଷ ହେଉଛନ୍ତି ସର୍ବଦେବମୟୋଗୁରୁଃ। ପୂର୍ବତନ ପ୍ରତ୍ୟେକଟି ମହାପୁରୁଷ ତାଙ୍କ ମଧ୍ୟରେ ଜୀବନ୍ତ। ତାଙ୍କ ପାଖରେ ଧର୍ମାନ୍ତରକରଣ ନାହିଁ ବରଂ ଅଛି ନିଷ୍ଠା। ଧର୍ମାନ୍ତରକରା ମାନେ ବିଶ୍ୱାସଘାତକତା କରିବା ଓ ଏହା ଧର୍ମ ରାଜ୍ୟର କଥା ନୁହେଁ। ମୋ ପାଖକୁ ଜଣେ ଖ୍ରୀଷ୍ଟିୟାନ ଭକ୍ତ ଆସିଲେ ମୁଁ ତାକୁ କୁହେ - ଆହୁରି ଗଭୀର ଭାବେ ଖ୍ରୀଷ୍ଟିୟାନ୍ ହୁଅ, କୌଣସି ମୁସଲମାନ୍ ଭକ୍ତ ଆସିଲେ ତାଙ୍କୁ କୁହେ ଆହୁରି ଗଭୀର ଭାବେ ମୁସଲିମ୍ ହୁଅ। ଏହି ପ୍ରସଙ୍ଗରେ ପୁନରାୟ ଆମେରିକାନ୍ ଭକ୍ତ ସ୍ପେନ୍‌ସର୍ ଭାଇ ପରିପୂରଣୀ ଦୀକ୍ଷା ସମର୍ଥନରେ ବାଇବେଲ୍‌ରୁ ପଢ଼ି ଶୁଣାଇଲେ-ସ୍ୱର୍ଗୀୟ ଜୀବନବାଦରେ ଦୀକ୍ଷିତ ପ୍ରତିଟି ଇହୁଦୀ ଧର୍ମଶାସ୍ତ୍ରଜ୍ଞ ବ୍ୟକ୍ତି ସେହି ଗୃହୀର ସମତୁଲ୍ୟ ଯିଏ କି ତାର ଭଣ୍ଡାରରୁ ପ୍ରାଚୀନ ଓ ନବୀନ ସବୁକିଛି ବାହାର କରି ଦେଖାଇପାରେ। (ମାଥ୍ୟୁ. ୧୪;୫୧)। ଜଣେ ମୌଲବୀ ସାହେବଙ୍କ ସହିତ ଇସ୍‌ଲାମ ସମ୍ପର୍କରେ କଥା କହୁ କହୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ- ଇସ୍‌ଲାମ ଶବ୍ଦର ଅର୍ଥ ଖୋଦାଙ୍କ ଠାରେ ଆତ୍ମନିବେଦନ ବା ଶାନ୍ତି। କଲେମା, ନାମାଜ, ରୋଜା, ହଜ୍ ଓ ଜାକାତ୍-ଏହି ପାଞ୍ଚଟି ଅନୁଷ୍ଠାନ ମୁସଲମାନମାନଙ୍କର ଅବଶ୍ୟ କରଣୀୟ। ପ୍ରତ୍ୟେକ ଶାସ୍ତ୍ରରେ ଏହି ବିଧାନ ଅବଶ୍ୟ ଅଛି, ହୁଏତ ବିଭିନ୍ନ ଭାଷାରେ ବା ନାମରେ। କଲେମା ଅର୍ଥ ଖୋଦାଙ୍କ ପାଖରେ ବିଶ୍ୱାସ ରଖି ପ୍ରେରିତ ପୁରୁଷଙ୍କୁ ସ୍ୱୀକାର କରି ତାଙ୍କ ଅନୁଶାସନରେ ଚାଲିବା। ଏହି ବିଶ୍ୱାସ, ସ୍ୱୀକୃତି ଓ ଅନୁସରଣ ହେଉଛି ଧର୍ମର ପ୍ରଥମ ଭିତ୍ତି। ହିନ୍ଦୁମାନଙ୍କ ମତରେ ସଦ୍‌ଗୁରୁଙ୍କ ପାଖରେ ଦୀକ୍ଷା ଗ୍ରହଣ ଓ ଖ୍ରୀଷ୍ଟିୟାନ୍ ମାନଙ୍କର ଅଭିଷେକ ପ୍ରଥା ରହିଛି। ବୌଦ୍ଧମାନେ ଆନୁଷ୍ଠାନିକ ଭାବେ ତ୍ରିଶରଣ ମନ୍ତ୍ର ଗ୍ରହଣ କରନ୍ତି। ନାମାଜ ମାନେ ସନ୍ଧ୍ୟା, ବନ୍ଦନା ଓ ପ୍ରାର୍ଥନା। ରୋଜା ମାନେ ଇଷ୍ଟଚିନ୍ତାପରାୟଣ ହୋଇ ସୁନିୟନ୍ତ୍ରିତ ଉପବାସ। ହଜ୍ ମାନେ ତୀର୍ଥଯାତ୍ରା। ଜାକାତ୍ ମାନେ ଧର୍ମାର୍ଥେ ଦାନ-ଅର୍ଥ ଇଷ୍ଟଭୃତି। ଏହି ପଞ୍ଚନୀତି ସବୁଧର୍ମରେ ନିହିତ ଅଛି। ବିଦାୟ ହଜ୍‌ରେ ପୟଗମ୍ବର ରସୁଲ ଆଲ୍ଲା ଧର୍ମାନ୍ତରୀକରଣ ବିରୁଦ୍ଧରେ ତୀବ୍ର ଭାବେ ମତ ପ୍ରକାଶ କରିଛନ୍ତି। ହିନ୍ଦୁ ମାନଙ୍କର ଗୟାରେ ପିଣ୍ଡଦାନ, ଖ୍ରୀଷ୍ଟିୟାନ ମାନଙ୍କର ବିଚାରର ଦିନ ଓ ମୁସଲମାନ ମାନଙ୍କର ରୋଜକୟାମତ୍‌ର ଅର୍ଥ ଏକ ଓ କେବଳ ଭାଷାର ବିଭିନ୍ନତା। ଭଗବାନ ଶ୍ରୀକୃଷ୍ଣ ଶବ୍ଦଯୋଗୀ ଥିଲେ। ଶ୍ରୀକୃଷ୍ଣଙ୍କ ହାତରେ ଥିଲା ବଂଶୀ ଓ ସେହି ବଂଶୀରୁ ରାଧା, ରାଧା ବୋଲି ଆୱାଜ୍ ଆସୁଥିଲା। ମୋର ମନେହୁଏ ଭଗବାନ ଯୀଶୁଖ୍ରୀଷ୍ଟ ମଧ ଶବ୍ଦଯୋଗୀ ଥିଲେ। ବାଇବେଲ୍‌ରେ ଅଛି - ଆଦିରେ ବାକ୍ ଥିଲା, ବାକ୍ ଥିଲା ଈଶ୍ୱରଙ୍କ ପାଖରେ ଏବଂ ବାକ୍ ହିଁ ଈଶ୍ୱର। ପୟଗମ୍ବର ରସୁଲ୍ ମଧ ନୂର୍ ଓ ଆୱାଜ୍ କଥା କହୁଥିଲେ। ଏହି ଶବ୍ଦ ସାଧନା ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ସମସ୍ତଙ୍କ ଭିତରେ ଅଛି, ତେଣୁ ଧର୍ମାନ୍ତରୀକରଣ ହେଉଛି ଗୀତା, କୋରାନ୍ ଓ ବାଇବେଲ ବିରୋଧୀ। ତେଣୁ ବଜ୍ରକଣ୍ଠରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ଜାତିକୁ ଆହ୍ୱାନ ଦେଲେ - ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ-ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହିମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାକୁ ଭଲ ପାଆନ୍ତି। କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କର ଆବିର୍ଭାବ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଞ୍ଜ। ପରୀକ୍ଷାମୂଳକ ଭାବେ ପେମ୍ବିଏଞ୍ଜକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଞ୍ଜର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଛି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଞ୍ଜ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଞ୍ଜ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।

## ସାହିତ୍ୟିକ ଇଂ.ନିରାକାର ମହାଳିକଙ୍କ ସ୍ମୃତିସଭା



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା କାର୍ଯ୍ୟାଳୟରେ ଓଡିଶାର ଜଣେ ବରିଷ୍ଠ ଲେଖକ ଓ ଗବେଷକ ସ୍ୱର୍ଗତ ଇଂ.ନିରାକାର ମହାଳିକଙ୍କ ସ୍ମୃତି ଚାରଣ ଏବଂ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାଗ ନେଇ ବିଶିଷ୍ଟ ସ୍ତମ୍ଭକାର ଏବଂ ସାହିତ୍ୟିକ ସୌମେନ୍ଦ୍ର କୁମାର ଜେନା କହିଲେ ଯେ, ଏକ ସରଳ, ନିରଳସ, ନିଷ୍ପାପର ଏବଂ ନୀରବ ସାଧକ ସ୍ୱର୍ଗତ ଇଂ. ନିରାକାର ମହାଳିକ ରାଷ୍ଟ୍ରୀୟ ବିଚାରଧାରାକୁ ସଦାସର୍ବଦା ଅଗ୍ରାଧିକାର ଦେଉଥିଲେ । ବୃତିରେ ଇଂଜିନିୟର ହୋଇଥିବା ସତ୍ତ୍ୱେ ପ୍ରବୃତିରେ ସିଏ ଥିଲେ ସାହିତ୍ୟ ସାଧକ । ତାଙ୍କ ଦ୍ୱାରା ରଚିତ ପୁସ୍ତକଗୁଡିକ ଗବେଷଣାତ୍ମକ ଏବଂ ତଥ୍ୟପୂର୍ଣ୍ଣ । ସ୍ୱର୍ଗତ ଇଂ.ନିରାକାର ମହାଳିକଙ୍କ ଦ୍ୱାରା ରଚିତ ପୁସ୍ତକଗୁଡିକ ମଧ୍ୟରେ ଭାରତୀୟ କାଳର ବିଶ୍ୱରୂପ, ମନସ୍ୱୀ ବିକ୍ରମଦେବ ବର୍ମା, କନ୍ଧକବି ଭୀମଭୋଇ, ଆର୍ଯ୍ୟପରମ୍ପରା ଓ ଓଡିଶାର ସାମରିକ ସଂସ୍କୃତି,ରେଢାଖୋଲ ଇତିହାସ, ଶ୍ରୀ ହରିଶଙ୍କର, ଶ୍ରୀ ନୃସିଂହନାଥ, ବେଦବ୍ୟାସ, ମଧ୍ୟାହ୍ନର ସ୍ୱର, ଇଂ. ସାର ବିଶ୍ୱେଶରାୟା ଏବଂ ନାଟ୍ୟରଥି ଗୋପାଳ ଦାସ ଆଦି ଉଲ୍ଲେଖନୀୟ । ଏହାଛଡା ଓଡିଶାର ଏକ ପ୍ରମୁଖ ନିର୍ମାଣ ହିରାକୁଦ ନଦୀବନ୍ଧର ଅନ୍ୟତମ ପୁରୋଧା ତତ୍କାଳୀନ ରାଜ୍ୟପାଳ ଅଯୋଧ୍ୟାନାଥ ଖୋସଲାଙ୍କ ଜୀବନୀ ଉପରେ ଏକ ଇଂରାଜୀ ବହି ମଧ ରଚନା କରିଛନ୍ତି। ସ୍ୱର୍ଗତ ଇଂ.ନିରାକାର ମହାଳିକଙ୍କୁ ଜଣେ ସରଳ ଦରଦୀ ହୃଦୟବ୍ୟକ୍ତି ଭାବରେ ବର୍ଣ୍ଣନାକରି ଏହି ସ୍ମୃତି ଚାରଣ କାର୍ଯକ୍ରମରେ ଉପସ୍ଥିତ ବ୍ୟକ୍ତିଗଣ ତାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ନିହାର ରଞ୍ଜନ ପତି, ସ୍ତମ୍ଭକାର ସମନ୍ୱୟ ନନ୍ଦ, ସ୍ତମ୍ଭକାର ଅନୀଲ ବିଶ୍ୱାଳ, ଅଶୋକ ସାହୁ, ଅଧିବକ୍ତା ଲକ୍ଷ୍ମୀଧର ଦାଶ, ନାରାୟଣ ଦାସ ମାୱତୱାଲ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସହପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଆଦି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଏକ ମିନିଟ ନିରବ ପ୍ରାର୍ଥନା ଆୟୋଜିତ ହୋଇଥିଲା ।




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଜଗଦେବ ଗିରଫ ମାମଲା: ଏସଡିପିଓ ଦିଲ୍ଲୀପ ଦାସଙ୍କୁ କିଏ ଦେଉଛି ସୁରକ୍ଷା, ସନ୍ଦେହରେ ପୁଲିସ ଡିଜିଙ୍କ ଭୂମିକା

ଭୁବନେଶ୍ୱର,(ପି.ଏନ): ଚିଲିକା ବିଧାୟକ ତଥା ଖୋର୍ଦ୍ଧା ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କୁ ଇଭିଏମ୍ ମେସିନ ଭଙ୍ଗା ଅଭିଯୋଗରେ ଗିରଫ ମାମଲାରେ ରାଜ୍ୟ ପୁଲିସର ବିଶ୍ୱସନୀୟତା ସଙ୍କଟରେ ପଡିଛି । ପୁଲିସ ଏସଡିପିଓ ଦିଲ୍ଲୀପ କୁମାର ଦାସଙ୍କ ବିବାଦୀୟ ଭୂମିକା ଦାଣ୍ଡରେ ପଡି ହାଟରେ ଗଡୁଥିଲେ ମଧ୍ୟ ପୁଲିସ ଡିଜି ଅରୁଣ ଷଡଙ୍ଗୀ ନିରବଦ୍ରଷ୍ଟା ସାଜିବା ଖୋଲାଖୋଲି ଭାବେ ତାଙ୍କର ଭୂମିକାକୁ ସନ୍ଦେହଘେରକୁ ଆଣିଛି । ଇଭିଏମ୍ ମେସିନ୍ ଭଙ୍ଗା ଘଟଣା ଓ ଜଗଦେବ ମାମଲାର ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ବାଚନ କମିଶନ ତାଗିଦ୍ କରିଥିବାବେଳେ ଏପର୍ଯ୍ୟନ୍ତ ଏସଡିପିଓ ଶ୍ରୀ ଦାସଙ୍କ ବିରୁଦ୍ଧରେ ପୁଲିସ୍ ବିଭାଗସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବା ହିଁ ପୁଲିସ ଡିଜି ଶ୍ରୀ ଷଡଙ୍ଗୀଙ୍କ ଅସହାୟତାକୁ ପଦାରେ ପକାଇ ଦେଇଛି । ଏହାସହିତ ନିଜ କ୍ଷମତା ଓ ପଦବୀର ଦୁରୂପଯୋଗ କରିଥିବା ଏସଡିପିଓ ଶ୍ରୀ ଦାସଙ୍କୁ କିଏ ସୁରକ୍ଷା ଯୋଗାଇ ଦେଉଛି ତାକୁ ନେଇ ମଧ୍ୟ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।ସୂଚନା ଅନୁସାରେ, ରାଜ୍ୟରେ ଗତ ୨୫ତାରିଖରେ ତୃତୀୟ ପର୍ଯ୍ୟାୟ ମତଦାନ ଦିନ ଶ୍ରୀ ଜଗଦେବ ତାଙ୍କ ପତ୍ନୀ ଓ ସମର୍ଥକଙ୍କ ସହ ଭୋଟ୍ ଦେବା ପାଇଁ ନିଜ ଗାଁ କାଉଁରୀପାଟଣାକୁ ଯାଇଥିବାବେଳେ ସେଠାରେ ଇଭିଏମ୍ ମେସିନ୍ ଭାଙ୍ଗିବାର ଅଭିଯୋଗ ତାଙ୍କ ବିରୁଦ୍ଧରେ ହୋଇଛି । ଏନେଇ ମତଦାନ କେନ୍ଦ୍ରର ପ୍ରିଜାଇଡିଂ ଅଫିସର ଜ୍ଞାନରଞ୍ଜନ ତ୍ରିପାଠୀଙ୍କ ଅଭିଯୋଗ ଆଧାରରେ ବୋଲଗଡ ଥାନାରେ ୨୫ତାରିଖ ସନ୍ଧ୍ୟା ୬ଟା ୧୫ମିନିଟରେ ଆଇପିସିର ବିଭିନ୍ନ ଧାରା ଓ ଜନପ୍ରତିନିଧି ଆଇନର ବିଭିନ୍ନ ଧାରାରେ ଏଫଆଇଆର ରୁଜୁ ହୋଇଛି । ଆଇପିସିର ୧୧ଟି ଧାରା ଓ ଜନପ୍ରତିନିଧି ଆଇନର ୫ଟି ଧାରାରେ ଶ୍ରୀ ଜଗଦେବ ଓ ତାଙ୍କ ୪-୫ଜଣ ସହଯୋଗୀଙ୍କ ବିରୁଦ୍ଧରେ ଏହି ମାମଲା ରୁଜୁ ହୋଇଛି ତଥା ଏହାର ତଦନ୍ତ ଦାୟିତ୍ୱ ଇନ୍ସପେକ୍ଟର ସିଗ୍ଧାମୟୀ ବରାଳ ନେଇଛନ୍ତି । ଏହି ଇଭିଏମ୍ ମେସିନ୍ ଭଙ୍ଗା ଘଟଣାରେ ଶ୍ରୀ ଜଗଦେବ ସମ୍ପୃକ୍ତି ନଥିବା କହି ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସାମ୍ବାଦିକ ସମ୍ମିଳନୀରେ ପୁଲିସର ଷଡଯନ୍ତ୍ର ବୋଲି ଅଭିଯୋଗ କରାଯାଇଛି । ଏହାସହିତ ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଉକ୍ତ ମତଦାନ କେନ୍ଦ୍ରର ସିସିଟିଭି ଫୁଟେଜ୍ ଗଣମାଧ୍ୟମକୁ ଜାରି କରି ସେଥିରେ ଇଭିଏମ୍ ମେସିନ୍ ଅନ୍ୟ କେହି ଭାଙ୍ଗିଥିବାର ପ୍ରମାଣ ଦେଇଛନ୍ତି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଡ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଡ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Friday May 31, 2024 ଭୁବନେଶ୍ୱର ଶୁକ୍ରବାର, ମଇ ୩୧,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

# ଆଳିରେ ପ୍ରତାପଙ୍କ ରୁକ୍ଷ ବ୍ୟବହାର ଯୋଗୁଁ ଜନସମର୍ଥନ ହ୍ରାସ ପାଉଛି !

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପକେଶରୀ ଦେବଙ୍କ ଲୋକମାନଙ୍କ ପ୍ରତି ରୁକ୍ଷ ବ୍ୟବହାର ନେଇ ସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ପ୍ରାର୍ଥୀ ଦେବ ଯେତେବେଳେ ବି କ୍ଷମତାରେ ରହିଛନ୍ତି ସେହି ସମୟରେ ସାଧାରଣ ଲୋକମାନଙ୍କ ପ୍ରତି ତାଙ୍କ ବ୍ୟବହାରରେ ଅସାମାନ୍ୟ ପରିବର୍ତ୍ତନ ଦେଖାଦେଇ ଥାଏ । ଏବେ ଶ୍ରୀ ଦେବ ଆଳି ବିଧାନସଭା କ୍ଷେତ୍ରରେ ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିବା ବେଳେ ବିଭିନ୍ନ ସମସ୍ୟା ନେଇ ତାଙ୍କ ନିକଟକୁ ଯାଉଥିବା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ବରିଷ୍ଠ ନାଗରିକଙ୍କ ଠାରୁ ଆରମ୍ଭ କରି ମହିଳା ଓ ଯୁବକମାନଙ୍କ ପ୍ରତି ଅତ୍ୟନ୍ତ ରୁକ୍ଷ ବ୍ୟବହାର ଶ୍ରୀ ଦେବ ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି । ଶ୍ରୀ ଦେବଙ୍କ ଏଭଳି ବ୍ୟବହାର ଯୋଗୁଁ ସାରା ନିର୍ବାଚନ ମଣ୍ଡଳୀରେ ତାଙ୍କ ପ୍ରତି ଜନ ସମର୍ଥନ ହ୍ରାସ ପାଉଥିବା ଦେଖାଯାଇଛି । ଶ୍ରୀ ଦେବ ଲୋକମାନଙ୍କୁ ଅତ୍ୟନ୍ତ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବା ସହ ରୁକ୍ଷ ବ୍ୟବହାର କରୁଥିବା ଆଳି ନିର୍ବାଚନ ମଣ୍ଡଳୀର ଲୋକମାନେ ଅଭିଯୋଗ କରିଛନ୍ତି । ତାଙ୍କର ଏଭଳି ବ୍ୟବହାର ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ସରିଲା ଶେଷ ପର୍ଯ୍ୟାୟ ଭୋଟ ଗ୍ରହଣ ନିମନ୍ତେ ପ୍ରଚାର-ଅନ୍ଧାରି ବିଜେ କରିବେ ନେତା

ପାରାଦୀପ(ପି.ଏନ): ରାଜ୍ୟରେ ଶେଷ ପର୍ଯ୍ୟାୟ ଭୋଟ ଗ୍ରହଣ ନିମନ୍ତେ ଗୁରୁବାର ଦିନ ସଂନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି । ବିଭିନ୍ନ ଦଳର ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟ ଦେବା ପାଇଁ ପ୍ରଚାର ଗାଡି, ପଥପ୍ରାନ୍ତ ସଭା, ନିର୍ବାଚନୀ ସଭା ଶେଷ କରିଛନ୍ତି । ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନ, ସ୍ମୃତି ଇରାନୀ, ବିଜେଡି ନେତା ଭି.କେ. ପାଣ୍ଡିୟାନଙ୍କ ଭଳି ପ୍ରଭାବଶାଳୀ ନେତାମାନେ ବଡ ବଡ ନିର୍ବାଚନୀ ସଭାମାନ କରି ଭୋଟରମାନଙ୍କୁ ନିଜ ଆଡକୁ ଆକୃଷ୍ଟ କରି ଫେରିଛନ୍ତି । ଦଳୀୟ ନେତାମାନେ ନିଜ ନିଜ ପ୍ରାର୍ଥୀ ଏଥର ବିଜୟୀ ହେବେ ବୋଲି କହି ବୁଲୁଛନ୍ତି । ହେଲେ ଏଥର ଭୋଟରମାନେ ନୀରବ । ଭୋଟରମାନଙ୍କ ଆଭିମୁଖ୍ୟରୁ କିଛି ବି ବାରି ହେଉନାହିଁ । ଭୋଟରମାନେ ଯେଉଁ ଭଳି ଆଗ୍ରହର ସହ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେଉଥିଲେ ଏଥର କାହିଁ ସେ ଭଳି ଆଗ୍ରହ ଦେଖିବାକୁ ମିଳୁ ନାହିଁ । ପାରାଦୀପରେ ଭୋଟରମାନଙ୍କୁ ଆକୃଷ୍ଟ କରିବାରେ ବିଜେପି ଆଗରେ ରହିଛି । ବିଜେପି ତୁଳନାରେ ଭୋଜିଭାତରେ ବିଜେଡି ବହୁ ପଛରେ ପଡିଯାଇଛି । ବିଜେପି ନେତାମାନେ ଭୋଜି ଭାତରେ ଭୋଟରମାନଙ୍କୁ ଅଧିକ ସାମିଲ କରିଥିବା ବେଳେ ବିଜେଡି ନେତାମାନେ ନବୀନ ପଟ୍ଟନାୟକ ବ୍ରାଣ୍ଡରେ ବିଭୋର ହୋଇ ଯାଇଛନ୍ତି । ଯାହାକି ଦଳ ପାଇଁ ଭୋଟ ବ୍ୟବଧାନ କମିବାରେ ସହାୟକ ହେବ ବୋଲି ବୁଦ୍ଧିଜୀବୀମାନେ ଆକଳନ କରୁଛନ୍ତି । ବିଜେପି ଯେଉଁ ହାରରେ ଖର୍ଚ୍ଚ କରୁଛି ବିଜେଡି ସେ ଦିଗରେ ପଛରେ ପଡି ଯାଇଛି । କଂଗ୍ରେସ୍‌ର ପ୍ରାର୍ଥୀ ନିରଂଜନ ନାୟକ ନବାଗତ ହୋଇଥିବା ବେଳେ ଅର୍ଥ କମ୍ ଯୋଗୁଁ ସେ ବିଜେପି ବିଜେଡି ତୁଳନାରେ ବହୁ ପଛରେ । ପୁରୁଖା କଂଗ୍ରେସ୍ କର୍ମୀମାନଙ୍କୁ ଭରସା କରି ସେ ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା କରିଛନ୍ତି । ଦୀର୍ଘ ୫ ବର୍ଷ ହେବ ବାପି ସାର୍ଖେଲ ବିଧାନସଭା ନିର୍ବାଚନ ହାରିବା ପରେ ଏକଦମ୍ ଚୁପ୍ ହୋଇଯାଇଥିଲେ । ଫଳରେ ୫ବର୍ଷ ମଧ୍ୟରେ କଂଗ୍ରେସ୍ ଦଳ କୌଣସି ସାଙ୍ଗଠନିକ କାର୍ଯ୍ୟ କରି ପାରିଲା ନାହିଁ । ଯାହାର ଫଳ ଭୋଗ କରୁଛନ୍ତି ନିରଂଜନ, ଯାହା ଭୋଟ ସେ ପାଇବେ ତାହା କଂଗ୍ରେସ୍ ଦଳର ପାରମ୍ପରିକ ଭୋଟ । ନିରଂଜନ ଯାହା ଭୋଟ ପାଇବେ କେବଳ ସମ୍ମାନ ରକ୍ଷା ପାଇଁ ପାଇବେ । ପ୍ରଚାର ଦିଗରେ କୌଣସିରେ ସେ ହେଳା କରି ନାହାନ୍ତି ହେଲେ ନିର୍ବାଚନମଣ୍ଡଳୀରେ ସେ ଭଳି ଗୋଟେ ଭଲ ନିର୍ବାଚନୀ ସଭା କରି ପାରିଲେ ନାହିଁ । ଚଳିତ ନିର୍ବାଚନରେ ନିରଂଜନଙ୍କ ଭୋଟ ଉଭୟେ ବିଜେପି ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ନିର୍ଣ୍ଣାୟକ ହେବ ।

# ଚୋରୀ କାଜୁ ବସ୍ତା ଉଦ୍ଧାର କଲା ସଦର ପୋଲିସ

କୋରାପୁଟ ଜିଲ୍ଲା: (ପି ଏନ୍) ଜୟପୁର ବ୍ଲକ ଅନ୍ତା ଗ୍ରାମରେ ସ୍ଥାପିତ ହୋଇଥିବା ଏକ କାଜୁ ମିଲରେ ଗୋଛିତ ରୋଖାଯାଇ ଥିବା ୬୨ ଗୋଟି କାଜୁ ଭର୍ତ୍ତି ବସ୍ତା ମୋଧରୂ ୧୧ ଗୋଟି ବସ୍ତା ଚୋରୀ ହୋଇଥିବା ଏତଲା କୁ ଆଧାର କରି ତଦନ୍ତ କରି ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିବାରେ ସଫଳ ହେଇଛନ୍ତି ସଦର ପୋଲିସ ।ରବୀନ୍ଦ୍ର ପ୍ରଧାନ ନାମକ ଜଣେ ବ୍ୟକ୍ତି ମିଲର ସୁରକ୍ଷା ଦାୟିତ୍ୱରେ ଅଛନ୍ତି । ରବୀନ୍ଦ୍ର ପ୍ରଧାନ ପାଖରେ ଥିବା ତାଙ୍କ ଗାଁକୁ ଯାଇ ଫେରିବା ପରେ ଦେଖିଲେ ଯେ କିଛି କାଜୁ ପ୍ୟାକେଟ୍, ଗୋଟିଏ ଫ୍ୟାନ୍ ଏବଂ ଗୋଟିଏ ଛୋଟ ପାଣି ପମ୍ପ ନିଖୋଜ ଅଛି । ସେ ମିଲ ମାଲିକ ଶିବା ପ୍ରସାଦଙ୍କୁ ଏହି ବିଷୟରେ ଜଣାଇଥିଲେ । ଶିବା ପ୍ରସାଦ ଆସି ଦେଖିଲେ ଯେ ୧୧ ଟି ପ୍ୟାକେଟ୍ କାଜୁ, ଗୋଟିଏ ଫ୍ୟାନ୍ ଏବଂ ଗୋଟିଏ ଛୋଟ ପାଣି ପମ୍ପ ସେଠାରେ ନାହିଁ ତେଣୁ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜୟପୁର ସଦର ଥାନାରେ ଲିଖିତ ଭାବରେ ଏତଲା ଦେଇଥିଲେ । ସଦର ଥାନା ଅଧିକାରୀ ଶ୍ରୀ ଈଶ୍ୱର ଚ଼ନ୍ଦ୍ର ତାଣ୍ଡି ଙ୍କ ନିର୍ଦ୍ଦେଶ ଅନୁଯାୟୀ ପୋଲିସ୍ ଅଧିକାରୀ ତଦନ୍ତ ଆରମ୍ଭ କରିଥିଲେ ।ଅନୁସନ୍ଧାନ ସମୟରେ ଏହା ସାମ୍ନାକୁ ଆସିଥିଲା ଯେ ଅଭିଯୁକ୍ତ ବ୍ୟକ୍ତି ଅର୍କିତ କାମର ଉରଫ ମାଚ଼ା ଏବଂ ଧନୁରଜୟ ନାୟକ ଓରଫ ମେଟା ଉଭୟ ମିଲରୁ ଚୋରି କରିବା ଅନ୍ୟ ଜଣେ ଅଭିଯୁକ୍ତଙ୍କ ସହ ଷଡଯନ୍ତ୍ର କରିଥିଲେ । କେ.ଶିବା ପ୍ରସାଦ ମିଲରୁ ୧୧ଟି ବ୍ୟାଗ କାଜୁ ନେଇଗଲେ । ଅଭିଯୁକ୍ତ ବ୍ୟକ୍ତି ମାନେ ଅର୍କିତ୍ କାମର ଓରଫ ମାଚ଼ା ଏବଂ ଧନୁରଜୟ ନାୟକକୁ ଗିରଫ କରାଯାଇ ଜୟପୁର ସଦର ଥାନା କେଶ୍ ନଂ ୧୮୨ /୨୦୨୪ ଧାରା ୪୫୭/୩୮୦ ଆଇପିସି ଅନୁଯାଇ ମାମଲା ରୁଜୁ କରି କୋର୍ଟ ଚ଼ାଲାଣ କରାଯାଇଛି ଅଭିଯୁକ୍ତ ମାନଙ୍କ ଠାରୁ ୧୧ ପ୍ୟାକେଟ କାଜୁ ସହ ଗୋଟିଏ ଅଟ ଗାଡି ମଧ ଜବତ କରାଯାଇଛି । ଅଧିକ ତଦନ୍ତ ଚ଼ାଲିଛି ବୋଲି ଗଣମାଧ୍ୟମକୁ ସୂଚ଼ନା ଦେଇଛନ୍ତି ସଦର ଥାନା ଅଧିକାରୀ ଈଶ୍ୱର ଚ଼ନ୍ଦ୍ର ତାଣ୍ଡି ।

# ପ୍ରଚ଼ାରର ଶେଷ ଦିନରେ ଶକ୍ତି ପ୍ରଦର୍ଶନ କଲେ ସମ୍ପଦ : ପଦଯାତ୍ରାରେ ସାମିଲ ହେଲେ ଶହ ଶହ ମହିଳା





ପାରାଦ୍ୱୀପ,(ପି.ଏନ): ଜୁନ ୧ ତାରିଖ ଶେଷ ପର୍ଯ୍ୟାୟ ନିର୍ବାଚ଼ନ ପାଇଁ ଗୁରୁବାର ପ୍ରଚ଼ାରର ଶେଷ ଦିନ ହୋଇଥିବା ବେଳେ ପାରାଦ୍ୱୀପ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ପାରାଦ୍ୱୀପ ରେ ଏକ ଦମଦାର ଶକ୍ତି ପ୍ରଦର୍ଶନ କରିଛନ୍ତି । ଆଜି ସକାଳ ଦଶଟା ରେ ଏକ ବିଶାଳ ପଦଯାତ୍ରା ଶ୍ରମିକ ସଙ୍ଘ କାର୍ଯ୍ୟାଳୟ ଠାରୁ ବାହାରି ବିଭିନ୍ନ ୱାର୍ଡ ପରିକ୍ରମା କରି ହରିବୋଲିଆ ମଠ ଦେଇ ନୂଆବଜାର ବସ୍ତି ଛକ ଠାରେ ପହଞ୍ଚିଥିଲା । ଏହି ପଦଯାତ୍ରାରେ ବିଜେପି ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ, ରାଜ୍ୟ ବିଜେପି ସମ୍ପାଦକ ରମେଶ ସାହୁ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ନଗର ବିଜେପି ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ, ବିଜେପି ନେତା ସର୍ବେଶ୍ୱର ବଳିୟାରସିଂହ, ରତ୍ନାକର ଜେନା,ଦେବବ୍ରତ ସାହୁ, ବଜରଙ୍ଗ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ । ସେଠାରେ ଆୟୋଜିତ ଏକ ପଥପ୍ରାନ୍ତ ସଭାରେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ବିଜେପି ପ୍ରାର୍ଥୀ ଙ୍କ ବିଜୟ ପରେ ନୂଆବଜାର ବସ୍ତିରେ ଅସୁରକ୍ଷିତ ବସ୍ତି ବାସିନ୍ଦା ଙ୍କ ସୁରକ୍ଷା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ନେଇ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ବିଜେପି ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ କେନ୍ଦ୍ର ସରକାର ଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ପାରାଦ୍ୱୀପ ପୌରାଞ୍ଚଳର ବିଭିନ୍ନ ବସ୍ତି ଅଞ୍ଚଳରେ ଲାଗୁ କରାଯିବା ସହ ସାଧାରଣ ନିଯୁକ୍ତି କ୍ଷେତ୍ରରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ନେଇ ଗ୍ୟାରେଣ୍ଟି ଦେଇଥିଲେ । ପ୍ରବଳ ଗୁଳୁଗୁଳି ଓ ଗ୍ରୀଷ୍ମ ପ୍ରବାହ ସତ୍‌ବେ ନଗର ସଭାପତି ସୁବ୍ରତ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ର ଶେଷ ପର୍ଯ୍ୟନ୍ତ ପ୍ରାୟ ଏକ ହଜାର ପୁରୁଷ ଓ ମହିଳା ଉପସ୍ଥିତ ଥିଲେ । ସେହିପରି ଷଣ୍ଢକୁଦ ବସ୍ତିରେ ଆୟୋଜିତ ସଭାରେ ସ୍ୱତସ୍ଫୁତ ଅଦଭୂତ ପୂର୍ବ ଜନସମାଗମ ଦେଖିବାକୁ ମିଳିଥିଲା କ୍ଷ ଆଜି ଅପରାହ୍ନ ରେ ପ୍ରଚ଼ାର ଶେଷ ହେବାକୁ ଯାଉଥିବା ବେଳେ ବିଭିନ୍ନ ଦଳର ପ୍ରଚ଼ାର କାର୍ଯ୍ୟ ଧୀମା ହୋଇଯାଇଥିବା ଦେଖିବାକୁ ମିଳିଛି ।

# ରାଷ୍ଟ୍ରପିତାଙ୍କ ବିଶ୍ୱ ପ୍ରସିଦ୍ଧିକୁ ନେଇ ଭୁଲ ବୟାନ ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ଗାନ୍ଧୀବାଦୀଙ୍କ ପତ୍ର



ଭୁବନେଶ୍ୱର,(ପି.ଏନ): ରିଚ଼ାର୍ଡ ଆଟେନବରୋଙ୍କ ଗାନ୍ଧୀ ସିନେମା ପରେ ପୃଥିବୀ ମହାତ୍ମା ଗାନ୍ଧୀଙ୍କୁ ଜାଣିଲା । ଏହାପୂର୍ବରୁ ୭୫ ବର୍ଷ ଧରି ତାଙ୍କୁ କେହି ଜାଣି ପାରିନଥିଲେ କହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପିତାଙ୍କ ପ୍ରତି ତାଙ୍କର ରହିଥିବା ଈର୍ଷା ମୋନୋବୃତ୍ତିକୁ ଦର୍ଶାଇଛନ୍ତି । ବାସ୍ତବରେ ଗାନ୍ଧୀହତ୍ୟା ଅଭିଯୋଗରେ ଅଭିଯୁକ୍ତ ହୋଇଥିବା ଆରଏସଏସର ସ୍ୱୟଂ ସେବକ ଥିବା ନରେନ୍ଦ୍ର ମୋଦି ଚ଼ିରାଚ଼ରିତ ଭାବେ ନିଜର ଓ ନିଜ ସଂଗଠନର ମହାତ୍ମା ଗାନ୍ଧୀଙ୍କ ପ୍ରତି ରହିଥିବା ବିରୋଧାଭାବକୁ ଏହାଦ୍ୱାରା ଉଜାଗର କରିବାକୁ ଚ଼ାହାନ୍ତି । ୨୦୧୪ ମସିହା ପୂର୍ବରୁ ମୋଦି ନିଜେ ଭାରତରେ ସର୍ଭେ ? କରି ଜାଣି ସାରିଛନ୍ତି ଯେ ଜନସଂଖ୍ୟାର ୧୮ ପ୍ରତିଶତ ଗାନ୍ଧୀଙ୍କ ଦର୍ଶନକୁ ସମ୍ମାନ କରନ୍ତି ଓ ଦେଶ ଗାନ୍ଧୀ ରାସ୍ତାରେ ଚ଼ାଲୁ ବୋଲି ଇଚ଼୍ଛା ରଖନ୍ତି, ଯାହା ଦ୍ରୁତଗତିରେ ବୃଦ୍ଧି ପାଉଛି ।ଏସବୁ ତଥ୍ୟ ତାଙ୍କର ଏକଛତ୍ରବାଦ ଦିଗରେ ବୃଦ୍ଧି ପାଉଥିବା ପଦକ୍ଷେପ ବିରୋଧରେ ଯାଉଥିବାରୁ ମାନସିକ ଭାରସାମ୍ୟ ହରାଇ ସେ ଏପରି ବକ୍ତବ୍ୟ ଦେଉଛନ୍ତି, ଯାହାକୁ ଓଡିଶାର ବିଭିନ୍ନ ଗାନ୍ଧୀବାଦୀ ସଙ୍ଗଠନମାନଙ୍କ ପକ୍ଷରୁ ଦୃଢ ବିରୋଧ କରାଯାଇଛି । ଗାନ୍ଧୀଙ୍କ ବିଶ୍ୱ ପ୍ରସିଦ୍ଧି ସମ୍ବନ୍ଧରେ ଜ୍ଞାନ ବର୍ଦ୍ଧନ ନିମନ୍ତେ ନୂଆଦିଲ୍ଲୀସ୍ଥିତ ଭାଜପାର ରାଷ୍ଟ୍ରୀୟ କାର୍ଯ୍ୟାଳୟ ଠିକଣାରେ ତାଙ୍କ ନିକଟକୁ ୧୯୩୦ ମସିହାରେ ଆମେରିକାର ସୁପ୍ରସିଦ୍ଧ ଟାଇମ ମଗାଜିନରେ ପ୍ରକାଶିତ 'ମ୍ୟାନ ଅଫ ଦି ଇୟର' ଫଟୋ ସହିତ ଗାନ୍ଧୀଜୀଙ୍କ ବାବଦରେ ବିଶ୍ୱପ୍ରସିଦ୍ଧ ଲେଖକମାନଙ୍କ ଦ୍ୱାରା ଲିଖିତ ୫୦ ଖଣ୍ଡ ପୁସ୍ତକ ତଥା ଆମେରିକାର ସାନଫ୍ରାନସିସ୍କସ୍ଥ ଏ ଷ୍ଟାନଲୀ ନୀଲ ପ୍ରଡକସନ ଦ୍ୱାରା ୧୯୪୪ ମସିହାରେ ମୁକ୍ତିଲାଭ କରିଥିବା ସିନେମା Mahatma Gandhi The ୨୦th Century Prophet ପଠା ଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତର ପ୍ରଧାନମନ୍ତ୍ରୀ ଭାବରେ ଅଧିଷ୍ଠିତ ନରେନ୍ଦ୍ର ମୋଦି ଯେତେବେଳେ ରାଷ୍ଟ୍ରପିତାଙ୍କ ବିରୋଧରେ ଏତେ ବିଦ୍ୱ ?ଷ କାହିଁକି ପୋଷଣ କରୁଛନ୍ତି ବୋଲି ପ୍ରଶ୍ନ କରାହୋଇଛି । ଦକ୍ଷିଣ ଆଫ୍ରିକାରେ ଆନ୍ଦୋଳନରତ ଥିବାବେଳେ ଗାନ୍ଧୀଜୀ ଏତେ ପ୍ରସିଦ୍ଧ ଥିଲେ ଯେ, ୧୯୦୯ ମସିହାରେ ସେଠାକାର ଜଣେ ପାଦ୍ରୀ ଯୋସେଫ ଜେ ଡୋକ ତାଙ୍କ ଜୀବନୀ ଲେଖିଥିଲେ । ସେହିବର୍ଷ ମଧ ବିଶ୍ୱପ୍ରସିଦ୍ଧ ଦାର୍ଶନିକ ଲିଓ ଟଲଷ୍ଟୟ ଗାନ୍ଧୀଙ୍କ ସହ ଅନେକ ପତ୍ରାଳାପ କରିଥିଲେ । ଯଦି ଫିଲ୍ମ ପୂର୍ବରୁ ଦୁନିଆରେ କେହି ଗାନ୍ଧୀଜୀଙ୍କୁ ଜାଣି ନଥାନ୍ତେ, ତେବେ ଆମେରିକାର ମାର୍ଟିନ ଲୁଥର୍ କିଙ୍ଗ ଏବଂ ଦକ୍ଷିଣ ଆଫ୍ରିକାର ନେଲସନ ମଣ୍ଡେଲା ଆଦି ମହାତ୍ମା ଗାନ୍ଧୀଙ୍କଠାରୁ କିପରି ପ୍ରେରଣା ପାଇଲେ ? ଭିଏତନାମର ହୋ ଚ଼ି ମିନ ଗାନ୍ଧୀଙ୍କ ପ୍ରେରଣାରେ ତାଙ୍କ ଦେଶରେ ଲୋକପ୍ରିୟତା ହାସଲ କରିଥିଲେ ବୋଲି ସ୍ୱୀକାର କରିଥିଲେ । ୧୯୩୧ ମସିହାରେ ବିଶ୍ୱ ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନ ଷ୍ଟାଇନ ତାଙ୍କୁ ପତ୍ର ଲେଖିଥିଲେ । ସୁପ୍ରସିଦ୍ଧ ସିନେ ଅଭିନେତା ଚ଼ାର୍ଲି ଚ଼ାପଲିନ ଏହି ବର୍ଷ ତାଙ୍କୁ ସାକ୍ଷାତ କରିଥିଲେ । ୧୯୫୦ ମସିହାରେ ଲୁଇ ଫିଶର ଗାନ୍ଧୀଜୀଙ୍କ ଜୀବନୀ ଦି ଲାଇଫ ଅଫ ମହାତ୍ମା ଗାନ୍ଧୀ ରଚ଼ନା କରିଥିଲେ । ଯଦି ଫିଲ୍ମ ପୂର୍ବରୁ ବିଶ୍ୱ ତାଙ୍କୁ ଜାଣି ନଥାନ୍ତା, ତେବେ ୧୯୩୭, ୧୯୩୮, ୧୯୩୯, ୧୯୪୭ ମସିହାରେ ସେ କିପରି ପାଞ୍ଚ ଥର ନୋବେଲ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ ? ଆଟେନବରୋଙ୍କ ଭଳି ଜଣେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଚ଼ଳଚ଼୍ଚ଼ିତ୍ର ନିର୍ମାତା ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ଏକ ବଡ଼ ଚ଼ଳଚ଼୍ଚ଼ିତ୍ର ନିର୍ମାଣ କରିବାର ପଦକ୍ଷେପ ନେଇଥାନ୍ତେ କି ? ଲୋକସଭା ଲାଇବ୍ରେରୀର ୱେବସାଇଟ୍ ତଥ୍ୟ ଅନୁଯାୟୀ, କେବଳ ଲୋକସଭା ଲାଇବ୍ରେରୀରେ ମହାତ୍ମା ଗାନ୍ଧୀଙ୍କ ଉପରେ ୨୧୦୦ରୁ ଅଧିକ ପୁସ୍ତକ ରହିଛି, ଯାହାକୁ ପ୍ରଧାନମନ୍ତ୍ରୀ ପଢିପାରିବେ । ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ, ଲୋହିଆ ଏକାଡେମୀ,ରାଷ୍ଟ୍ରୀୟ ଯୁବା ସଂଗଠନ ଆଦି ଗାନ୍ଧୀ ବିଚ଼ାରର ସଂଗଠନ ମାନଙ୍କ ପକ୍ଷରୁ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଦେବ ପ୍ରସାଦ ରାୟ, ମିହିର ପ୍ରତାପ ଦାସ, ଡାକ୍ତର ବିଶ୍ୱଜିତ, ମହମ୍ମଦ ସୁକ୍ର ପ୍ରମୁଖ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀଠାରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ କ୍ଷୋଦୋକ୍ତି ପ୍ରକାଶ କରି ଭାରତର ପ୍ରଧାନମନ୍ତ୍ରୀ ଭାବରେ ରାଷ୍ଟ୍ରପିତାଙ୍କ ବାବଦରେ ଦେଇଥିବା ଦାୟିତ୍ୱହୀନ ମନ୍ତବ୍ୟର ନିନ୍ଦା କରିଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray